ଗିଜୁଭାଇଙ୍କ ଫୁଲପେଣ୍ଡା–୭



# ଅକଲ ବିନା ନକଲ


ଗିଜୁଭାଇ ବଧେକା

ଅନୁବାଦ
ମନୋରମା ବିଶ୍ୱାଳ ମହାପାତ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରତୀ

ନେହେରୁ ବାଳ ପୁସ୍ତକାଳୟ

ଗିଜୁଭାଇଙ୍କ ଫୁଲପେନ୍ଥା–୭

# ଅକଲ ବିନା ନକଲ

ଗିଜୁଭାଇ ବଧେକା

ଅନୁବାଦ
ମନୋରମା ବିଶ୍ୱାଳ ମହାପାତ୍ର

ପ୍ରସ୍ତୁତି ଓ ଚିତ୍ରାଙ୍କନ
ଆବିଦ ସୁରତୀ



nbt.india
एकः सूते सकलम्
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ



ISBN 978-81-237-5942-5

ପ୍ରଥମ ସଂସ୍କରଣ 2010

ପୁନର୍ମୁଦ୍ରଣ 2020 (ଶକାବ୍ଦ 1942)

ଓଡ଼ିଆ ଅନୁବାଦ © ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

Original : Nakal Bin Akal (*Hindi*)

Translation : Akal Bina Nakal (*Odia*)

**₹ 75.00**

ନିର୍ଦ୍ଦେଶକ, ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

ନେହେରୁ ଭବନ, 5 , ଇନ୍‌ଷ୍ଟିଚ୍ୟୁସନାଲ ଏରିଆ, ଫେଜ୍ - II

ବସନ୍ତକୁଞ୍ଜ, ନୂଆ ଦିଲ୍ଲୀ – 110070 କର୍ତ୍ତୃକ ପ୍ରକାଶିତ

Website : www.nbtindia.gov.in

ତମଠୁ ମୁଁ କିଛି କମ୍ ନୁହେଁ

ମିଠାଇର ସ୍ୱାଦ

ବେଗମ ବଟାନା

ଭୂତର ବାପା

ଏଣୁତେଣୁ

ଅକଲ ବିନା ନକଲ

ମାଙ୍କଡ଼ମାନେ ସିମେଇ ଖାଇଲେ

ଗାୟକର ବାଇଗଣ ଭର୍ତ୍ତା

ଗଙ୍ଗାରାମ ଏବଂ ମଙ୍ଗାରାମ

ଗୀତ ଗାଉଥିବା ପକ୍ଷୀ

କୁଆ ମଇନା ପରି ଚାଲାକି କଲା



## ଶିକ୍ଷକ ଭାଇ–ଭଉଣୀମାନଙ୍କୁ

ନିଅନ୍ତୁ, ଏଇ ହେଉଛି ପିଲାମାନଙ୍କ ପାଇଁ କାହାଣୀ କେତୋଟି । ଆପଣ ପିଲାମାନଙ୍କୁ ଏହାକୁ ଶୁଣାନ୍ତୁ । ପିଲାମାନେ ଏହାକୁ ଶୁଣି ଖୁସି ହେବେ ଓ ବାରମ୍ବାର ଶୁଣିବେ । ଆପଣ ଏହାକୁ ରସାଳ ଢଙ୍ଗରେ କହନ୍ତୁ, ସହଜ ଓ ସରଳ ଉପାୟରେ କହନ୍ତୁ । କାହାଣୀ ଏମିତି ବାଛନ୍ତୁ, ଯାହା ପିଲାମାନଙ୍କର ବୟସକୁ ବି ଖାପ ଖାଉଥିବ । ଭାଇ, ଗୋଟିଏ କାମ କେବେ କରିବେ ନାହିଁ । ଏଇ କାହାଣୀ ଆପଣ ପିଲାମାନଙ୍କୁ କଣ୍ଠସ୍ଥ କରିବାକୁ କହିବେ ନାହିଁ, ବରଂ ପ୍ରଥମେ ଆପଣ ଅନୁଭବ କରନ୍ତୁ ଯେ କାହାଣୀସବୁ ଯାଦୁବିଦ୍ୟାର ବାଡ଼ିପରି ।

ଯଦି ଆପଣ ପିଲାମାନଙ୍କ ସହିତ ଭଲପାଇବାର ସମ୍ପର୍କ ରକ୍ଷାକରିବାକୁ ଚାହାନ୍ତି, ତେବେ ତାଙ୍କର ମୂଳଦୁଆ କାହାଣୀରୁ ଆରମ୍ଭ କରନ୍ତୁ । ଆପଣ ଯଦି ଚାହାନ୍ତି ପିଲାମାନେ ଆପଣଙ୍କୁ ଭଲପାଆନ୍ତୁ, ତେବେ ଏଇ କାହାଣୀ ହେଲା ତା'ର ଏକ ମାଧ୍ୟମ । ପଣ୍ଡିତ ହୋଇ ସେମାନଙ୍କୁ କେବେ ବି କାହାଣୀ ଶୁଣାଇବେ ନାହିଁ । ସେମାନଙ୍କ ପାଇଁ ଏହା ଯେପରି କଷ୍ଟ ନହୁଏ, ଏ ଦିଗରେ ଚେଷ୍ଟା କରିବେ । ସେମାନଙ୍କ ଉପରେ ଏହାକୁ ଲଦିଦେବେ ନାହିଁ । ଇଏତ ବହିଯାଇଥିବା ଗଙ୍ଗା । ପ୍ରଥମେ ଆପଣ ଏଥିରେ ବୁଡ଼ ପକାନ୍ତୁ ପୁଣି ପିଲାମାନଙ୍କୁ ସ୍ନାନ କରାଇ ନିଅନ୍ତୁ ।

ଗିଜୁଭାଇ







# ତମଠୁ ମୁଁ କିଛି କମ୍ ନୁହେଁ

ଜଣେ ଶେଠ, ତା ସ୍ତ୍ରୀ ସହ ରହୁଥିଲା । ଦିନେ ସନ୍ଧ୍ୟା ବେଳେ ଶେଠ ଦୋକାନରୁ ଫେରି ଖଟ ଉପରେ ବସି ବିଶ୍ରାମ ନେଉଥିଲା ବେଳେ ରୋଷେଇ ଘର ଭିତରୁ ତା ସ୍ତ୍ରୀ ପାଟିକରି କହିଲା, 'ଲଲାର ବାପା ଶୁଣୁଛନା, ମୋ ବାପଘରୁ ଜଣେ ବାରିକ ଖବର ଆଣି ଆସିଥିଲା - କହୁଥିଲା ସେଠାରେ ମରୁଡ଼ି ପଡ଼ିଛି । ଲୋକମାନେ ଭୋକ ଉପାସରେ ରହୁଛନ୍ତି । ସେ ଏକଥା ବି କହୁଥିଲା ଯେ ମୋ ବାପା ମାଆ ଶୁଖି ଶୁଖି କଣ୍ଟା ହୋଇଗଲେଣି ।' ଶେଠ ଜଣକ କହିଲା, 'ଏଥିରେ ଆମେ କ'ଣ କରିପାରିବୁ ? ମୁଁ କ'ଣ ଭଗବାନ ହୋଇଛି ଯେ ବର୍ଷାକୁ ଡାକି ଆଣିବି ।'



ଶେଠିଆଣୀକୁ ଭାରି ଖରାପ ଲାଗିଲା । ଚିତ୍କାର କରି କହିଲା, 'ମୁଁ କହୁଛି ଆଜି ଯାଅ ଗାଡ଼ି ଭର୍ତ୍ତିକରି ଗହମ ସେଠାରେ ଦେଇଆସ । ତା'ଛଡ଼ା ଆମର ଏଠି ଗାଈଗୋରୁ କମ୍ ନାହାନ୍ତି । ସାଙ୍ଗରେ ଗାଈଟିଏ ନେଇ ଯାଅ ।' ଶେଠ ଚିନ୍ତାରେ ପଡ଼ିଗଲା । ସଂଗେ ସଂଗେ ତା ମୁଣ୍ଡରେ ଜ୍ଞାନ ଉଦୟ ହେଲା । ସେ ଖଟ ଉପରୁ ଉଠି ରୋଷେଇ ଘରକୁ ଯାଇ କହିଲା, 'ମୁଁ କାଲି ମୁହଁ ଅନ୍ଧାରରୁ ବାହାରିବି, ରାସ୍ତାରେ ଖାଇବା ପାଇଁ ଯାହା ଯେମିତି କରିବା କଥା କରିଦେ' ଲଲା ବାପ ପାଖରେ ଛିଡ଼ା ହୋଇଥିଲା । ସେ ମଧ୍ୟ ସାଙ୍ଗରେ ଯିବା ପାଇଁ ପ୍ରସ୍ତୁତ ହୋଇଗଲା । ଶେଠ ଭୋର ସମୟରେ ଗାଡ଼ି ପ୍ରସ୍ତୁତ କଲା । ଶେଠିଆଣୀ ରାତିରେ ଗହମ ଜାକିଜାକି ଭର୍ତ୍ତି କରି ଦେଲା । ଗୋଟାଏ ଲଫାପାରେ

ପାଞ୍ଚଶହ ଟଙ୍କା ରଖି ଗହମ ବସ୍ତା ଭିତରେ ଲୁଚାଇଦେଲା । ସେ ଭାବିଲା ଗହମ ସହିତ ନଗଦ ଟଙ୍କା ମଧ୍ୟ ତା ବାପାମାଆ ପାଇଯିବେ । ଶେଷରେ ବଳଦ ଗାଡ଼ି ସହିତ ଗୋଟାଏ ଗାଇ ମଧ୍ୟ ବାନ୍ଧିଦେଲା । ଲଲା କୁଦା ମାରି ଶେଠ ପାଖରେ ଯାଇ ବସିପଡ଼ିଲା । ଗାଡ଼ି ଚାଲିବାକୁ ଲାଗିଲା । କିଛିବାଟ ପରେ ଗୋଟାଏ ଛକ ପଡ଼ିଲା । ଗୋଟାଏ ରାସ୍ତା ଶେଠଙ୍କର ଶଶୁର ଘର ଗାଁକୁ ପଡ଼ିଥିଲା । ଅନ୍ୟ ଏକ ରାସ୍ତା ଶେଠଙ୍କ ଭଉଣୀ ଘର ଗାଁ'କୁ ପଡ଼ିଥିଲା । ଗାଡ଼ି ଶଶୁର ଘରକୁ ଯିବା ବଦଳରେ ଭଉଣୀ ଘରକୁ ଯିବାକୁ ଲାଗିଲା । ଏହା ଦେଖି ଲଲା କହିଲା, 'ଏ ରାସ୍ତା ତ ପିଇସି ଘର ଗାଁ ରାସ୍ତା । ମାମୁ ଘର ଗାଁ ରାସ୍ତା ତ ପଛରେ ରହିଗଲାଣି ।'

ଶେଠ ବିରକ୍ତ ହୋଇ କହିଲା, 'ଆରେ ବୋକା ତୁ କ'ଣ ଜାଣିଛୁ କେଉଁ ବାଟଟା ଠିକ୍ ଆଉ କେଉଁ ବାଟ ଭୁଲ୍ ।' ଲଲା ଚୁପ୍ ହୋଇଗଲା । ଗାଡ଼ି ଆଗକୁ ଆଗକୁ ଚାଲିବାକୁ ଲାଗିଲା । ସନ୍ଧ୍ୟା ହେଲା । ଭଉଣୀ ଘର ଗାଁରେ ଗାଡ଼ି ପହଞ୍ଚିଲା । ସେଠାରେ ବି ମରୁଡ଼ି ପଡ଼ିଯାଇଥିଲା । ନଈ ସବୁ ଶୁଖିଯାଇଥିଲା । ଫସଲ ସବୁ ନଷ୍ଟ ହୋଇ ପ୍ରତି ଘରେ ଅଭାବ ଲାଗି ରହିଥିଲା ।

ଭାଇକୁ ଦେଖି ଭଉଣୀର ଖୁସିର ସୀମା ରହିଲାନି । ଏକ୍‌ରେ ଭାଇ ଆସିଲା । ଦୁଇରେ ଗାଡ଼ି ଭର୍ତ୍ତି ଗହମ ସହିତ ଦୁଧିଆଳୀ ଗାଇ ମଧ୍ୟ ଆଣିଛି । ଭଉଣୀ ସଂଗେ ସଂଗେ ରୁଟି ତିଆରି କଲା, ତରକାରି ମଧ୍ୟ କଲା । ବେସନର କିଛି ଲଡୁ ମଧ୍ୟ ତିଆରି କଲା । ନିଜ ଭାଇ ଏବଂ ଲଲାକୁ ଖୁବ୍ ଆଦର କରି ଖୁଆଇଲା ।

ବାପପୁଅ ଦୁହେଁ ଦୁଇଦିନ ଖୁବ୍ ଆନନ୍ଦରେ କଟାଇ ତୃତୀୟ ଦିନ ଗାଡ଼ିରେ ଘରକୁ ଫେରିଆସିଲେ । ଶେଠକୁ ଫେରିବା ଦେଖି ଶେଠିଆଣୀ ପଚାରିଲା, 'ଗହମ ଦେଇ ଆସିଲ ? ମୋ ବାପଘର ଗାଁ କେମିତି ଲାଗିଲା ? ସେଠାରେ ସମସ୍ତେ ଠିକ୍‌ଠାକ୍ ଅଛନ୍ତି ତ ?' ଶେଠ କହିଲା, 'ଡେରି ହେଉଛି, ମୁଁ ଦୋକାନକୁ ଯିବି । ଯାହା ଜାଣିବାକୁ ଚାହୁଁଛ ଲଲାକୁ ପଚାରି ସବୁ ବୁଝି ନିଅ ।' ଶେଠ ଚାଲିଗଲା ପରେ ଶେଠିଆଣୀ ଲଲାକୁ ପଚାରିଲା, 'ତୋ ମାମୁ ଠିକ୍‌ଠାକ୍ ଅଛନ୍ତି ତ ?' ଲଲା କହିଲା, 'ସେଠି ମାମୁଫାମୁ କେହି ନଥିଲେ ।' ଶେଠିଆଣୀ କହିଲା, 'ହୁଏତ ତୋ ମାମୁ କିଛି କାମରେ ବାହାରକୁ ଯାଇଥିବେ ।' ଲଲା କହିଲା, 'କିନ୍ତୁ ମା ସେଠାରେ ମାଇଁ ବି ନଥିଲେ – ସେଠି ପିଇସା ଆଉ ପିଇସୀ ଥିଲେ । ଅନ୍ୟ ଲୋକମାନେ ବି ଥିଲେ ।' ଲଲାର କଥା ଶୁଣି ଶେଠିଆଣୀ ଅସଲ କଥା ବୁଝି ପାରିଲା ।

ମନେମନେ ଶେଠିଆଣୀ ପ୍ରତିଜ୍ଞା କଲା, 'ଦେଖିବି କେମିତି ସବୁ ଜିନିଷତକ ନିଜ ଭଉଣୀ ଘରେ ଦେଇ ଆସିଲା ଆଉ କଟା ଘା'ରେ ଲୁଣ ଦେବା ପାଇଁ ଲଲାକୁ ଏଠି ରଖିଦେଇଗଲା। ଲଲାର ବାପୁ, ଏହାର ପ୍ରତିଶୋଧ ମୁଁ ନିଶ୍ଚୟ ନେବି।' ତତ୍କ୍ଷଣାତ୍ ସେ ମୁଣ୍ଡରୁ ଓଢ଼ଣା କାଢ଼ିପକାଇ ମଥା ପିଟିବାରେ ଲାଗିଲା। ସେ କାନ୍ଦି କାନ୍ଦି କହୁଥାଏ :

**ମୁଁ ଭାସିଗଲିରେ ଭାସିଗଲି**
**ଗାଡ଼ି ଭର୍ତ୍ତି ଗହମ ଆଉ**
**ଗାଈ ବି ଗଲା**
**ପାଞ୍ଚଶହ ଟଙ୍କା ବି ଗଲା**
**ହାୟ ହାୟ, ଲଲାର ମଉସା ବି ଗଲା**



ଅଗଣାରେ ଲୋକମାନେ ଜମା ହୋଇଗଲେ । ସମସ୍ତେ ପଚାରିବାରେ ଲାଗିଲେ, 'ଶେଠିଆଣୀ ତମର କ'ଣ ହୋଇଛି । ଏମିତି କାନ୍ଦୁଛ କାହିଁକି ।' ଶେଠିଆଣୀ କାନ୍ଦି କାନ୍ଦି କହିଲା, 'ଲଲାର ବାପୁ ନିଜ ଭଉଣୀ ଘରେ ଗାଈ ଆଉ ଗାଡ଼ିଭର୍ତ୍ତି ଗହମ ଦେବାକୁ ଯାଇଥିଲେ । ହାୟହାୟ, ଦୁର୍ଭିକ୍ଷ ହେତୁ ତାଙ୍କର ଯୁବା ଭଉଣୀଟି ଭୋକରେ ମରିଯିବା କଥା ଜଣାପଡ଼ିଲା । ଆମ ମୁଣ୍ଡରେ ଦୁଃଖର ପାହାଡ଼ ଭାଙ୍ଗିପଡ଼ିଛି ଜାଣ ।'


ଧୀରେ ଧୀରେ ଗାଁ ସାରା ଲୋକ ଏକାଠି ଜମା ହୋଇ ମୁଣ୍ଡପିଟି କାନ୍ଦିବାରେ ଲାଗିଲେ । ଦୋକାନରେ ଥାଇ ଶେଠ ଜାଣିଲା ଯେ ଘରେ କାନ୍ଦବୋବାଳି ପଡିଛି । ସେ ଦୌଡ଼ି ଦୌଡ଼ି ଆସି ପହଞ୍ଚିଲା । ଘର ଭିତରେ ସମସ୍ତେ କାନ୍ଦିକାନ୍ଦି ବଡ଼ ପାଟିରେ କହୁଥିଲେ :

**ମୁଁ ବରବାଦ୍ ହୋଇଗଲିରେ ଭାସିଗଲି**
**ଗାଡ଼ି ଭର୍ତ୍ତି ଗହମ ଗଲା, ଗାଈବି ଗଲା**
**ପାଞ୍ଚଶହ ଟଙ୍କା ବି ଗଲା**
**ହାୟ ହାୟ ଲଲାର ପିଇସି ବି ଗଲା**

ଶେଠ ଖୁବ୍ ବୁଦ୍ଧିମାନ ଥିଲା । ସବୁକଥା ସେ ବୁଝିଗଲା । ସେହି ମୁହୂର୍ତ୍ତରେ ଶେଠ କ୍ଷମା ମାଗି ଗାଡ଼ି ଭର୍ତ୍ତି ଗହମ ଏବଂ ଗାଈ ଧରି ଶଶୁର ଘରେ ଯାଇ ପହଞ୍ଚିଲା । ଜିନିଷ ସବୁ ଶଶୁର ଘରେ ରଖିଦେଇ ଫେରିଆସିଲା, ତାପରେ ଯାଇ ଶେଠିଆଣୀ ତାକୁ କ୍ଷମା କଲା ।

# ମିଠାଇର ସ୍ୱାଦ

କୋକିଶିଆଳୀ ଏବଂ ଗୋଖର ସାପ ଦୁହେଁ ଭାରି ସାଙ୍ଗ ଥିଲେ । ପ୍ରତିଦିନ ଦୁଇ ବନ୍ଧୁଙ୍କର କାମ ଥିଲା ଗାଁ ଭିତରକୁ ବୁଲିଯିବା । ଦିନେ କିଛି ବାଟ ଯାଇଛନ୍ତି କି ନାହିଁ ଗୋଟିଏ ଦୋଛକି ପଡ଼ିଲା । ଗୋଟିଏ ବାଟ ପୂର୍ବ ଦିଗକୁ ପଡ଼ିଥିଲା ଏବଂ ଅନ୍ୟ ଗୋଟିଏ ରାସ୍ତା ପଶ୍ଚିମ ଦିଗକୁ । କୋକିଶିଆଳୀଟି କହିଲା, 'ମୁଁ ପଶ୍ଚିମ ଦିଗକୁ ଯାଉଛି' । ଏହା କହି ସେ



ପଶ୍ଚିମ ଦିଗକୁ ଯିବାକୁ ଲାଗିଲା । ଗୋଖର ସାପଟି ପୂର୍ବ ଦିଗକୁ ଗଲା । ସେହି ରାସ୍ତାରେ କୌପୀନଧାରୀ ବାବାଙ୍କର ଗୋଟିଏ କୁଡ଼ିଆ ଥିଲା । ଗୋଖରକୁ ଭୀଷଣ ଭୋକ ଲାଗୁଥିଲା । ସେ କୁଡ଼ିଆ ଭିତରକୁ ପଶିଯାଇ ଲଡୁ ଥୁଆ ହୋଇଥିବାର ଦେଖିଲା । ସବୁତକ ଲଡୁ ଖାଇ ଶେଷ କରିଦେଲା ଏବଂ ଦୁଆରରେ ଜଞ୍ଜିର ଲଗାଇ ଘୁଙ୍ଗୁଡ଼ି ମାରି ଶୋଇଗଲା । କିଛି ସମୟ ପରେ ବାବାଜି ଆସି ପହଞ୍ଚିଲେ । କୁଡ଼ିଆର ଦୁଆର ବନ୍ଦ ଥିଲା । ସେ ବାହାରେ ରହି ପାଟିକରି କହିଲେ, 'ମୋ କୁଡ଼ିଆରେ କିଏ ପଶିଛ ?' ଭିତରେ ଥାଇ ଗୋଖର ସାପ କଡ଼ା ସ୍ୱରରେ କହିଲା :

**ମୁଁ ମହାରାଜାଙ୍କ ରାଜା**
**ଖାଏ ଲଡୁ, ପେଡ଼ା ଖଜା**
**ପଳା ଶୀଘ୍ର କୌପୀନବାଲା**
**ନହେଲେ ବାଜିବ ତୋ ନିଜ ବାଜା**

ଏକଥା ଶୁଣି ବାବାଜି ଏତେ ଡରିଗଲା ଯେ ଗାଁ ଭିତରକୁ ଯାଇ ଗାଁ ମୁଖିଆକୁ ଡାକିଆଣିଲା । କୁଡ଼ିଆର କଡ଼ା ଖଡ଼ଖଡ଼ କରି ମୁଖିଆ ଜଣକ ପଚାରିଲା, 'ବାବାଜିର କୁଡ଼ିଆ ଭିତରେ କିଏ ପଶିଛ ?' ଘର ଭିତରୁ ଗୋଖର ସାପ ବଡ଼ ପାଟିରେ କହିଲା :

**ମୁଁ ମହାରାଜାଙ୍କ ରାଜା**
**ଖାଏ ଲଡୁ ପେଡ଼ା ଖଜା**
**ପଳା ମୁଖିଆ ଶୀଘ୍ର ପଳା**
**ନହେଲେ ବାଜିବ ତୋ ନିଜ ବାଜା**

ମୁଖିଆ ବି ଏତେ ଡରିଗଲା ଯେ ଦଉଡ଼ି ଦଉଡ଼ି ଥାନା ଭିତରକୁ ଯାଇ ଥାନାବାଲାକୁ ଡାକି ଆଣିଲା । ଥାନାବାଲା ନିଶକୁ ମୋଡ଼ି ପଚାରିଲା, 'ଆରେ ବାବାଜି କୁଡ଼ିଆରେ କିଏ ପଶିଛରେ ?' ଗୋଖର ଗର୍ଜନ କରି କହିଲା :

ମୁଁ ମହାରାଜାଙ୍କ ରାଜା
ଖାଏ ଲଡୁ ପେଡ଼ା ଖଜା

ପଳା ଥାନାବାଲା ଶୀଘ୍ର ପଳା
ନହେଲେ ବାଜିବ ତୋ ନିଜ ବାଜା

ଏକଥା ଶୁଣି ଥାନାବାଲା ଏତେ ଡରିଗଲା ଯେ ତାକୁ ଜର ଆସିଗଲା । ବାବାଜି ଏବଂ ମୁଖିଆ କ'ଣ ଅବା କରିପାରନ୍ତେ । ସେ ଦୁହେଁ ମଧ୍ୟ ପଳାଇଗଲେ । କିଛି ସମୟ ପରେ ଗୋଖରଟି ଦ୍ୱାର ଖୋଲି ବାହାରକୁ ବାହାରି ଆସିଲା ଏବଂ କୋକିଶିଆଳୀକୁ ସବୁ ଘଟଣା କହିଲା । ଲଡ୍ଡୁକଥା ଶୁଣି କୋକିଶିଆଳୀ ପାଟିରୁ ଲାଳ ବୋହିଲା । ସେ କହିଲା "ମୁଁ ବି ସେ କୁଡ଼ିଆ ଭିତରକୁ ଯିବି ।" ଗୋଖର ସାପ ପଚାରିଲା, 'ଯଦି ବାବାଜି ଆସିଯିବ ତାକୁ କ'ଣ କହିବୁ ?' କୋକିଶିଆଳୀ ସ୍ୱର ଧରି ଗାଇଲା :

ମୁଁ ମହାରାଣୀଙ୍କ ରାଣୀ
ଖାଏ ଲଡୁ ଖାଏ ଗୁଡ଼ଧାନୀ
ପଳା ବାବାଜି ଶୀଘ୍ର ପଳା
ମନେ ପକାଇ ଦେବି ତୋ ନାନୀ

ଗୋଖର ସାପ କହିଲା 'ଠିକ୍ ଅଛି । ତୁ ବି ଲଡୁର ସ୍ୱାଦ ଚାଖିକି ଆସ୍ ।' କୋକିଶିଆଳୀ ଦଉଡ଼ି ଦଉଡ଼ି ଯାଇ ବାବାଜି କୁଡ଼ିଆରେ ପହଞ୍ଚି ନିଶ୍ୱାସ ମାରିଲା । ଦୁଆର ବନ୍ଦ କରିଦେଇ ଲଡୁ ଖାଇବାରେ ଲାଗିଲା । ଗୋଟାଏ ଲଡୁ ଶେଷ କରିବା କ୍ଷଣି ବାବାଜି ଆସି ପହଞ୍ଚିଗଲା । ଦେଖିଲା ଦ୍ୱାର ବନ୍ଦ ହୋଇଛି । ଫେର ଆଉ କିଏ ଆସି ପଶିଲା ? ମୋ କୁଡ଼ିଆରେ କିଏ ଲୁଚିଛି ? ଭିତରୁ କୋକିଶିଆଳୀ ପାଟିକରି କହିଲା :

ମୁଁ ମହାରାଣୀଙ୍କ ରାଣୀ
ଖାଏ ଲଡୁ ଖାଏ ଗୁଡ଼ଧାନୀ
ପଳା ବାବାଜୀ ଶୀଘ୍ର ପଳା
ମନେ ପକାଇ ଦେବି ତୋ ନାନୀ

ବାବାଜୀ କୋକିଶିଆଳୀର କଁଅଁଳ ସ୍ୱର ଚିହ୍ନିଦେଇ କହିଲା, 'ଆରେ ଇଏ ତ କୋକିଶିଆଳୀ'

- ଲୋକମାନଙ୍କୁ ପାଟିକରି ଡାକି ଏକାଠି କଲା । କୋକିଶିଆଳୀ ଡରିଗଲା । ସେ ଦ୍ୱାରଖୋଲି ଦଉଡ଼ିବାକୁ ଲାଗିଲା । କିନ୍ତୁ ବାବାଜି ତାକୁ ଧରିପକାଇ ଭୀଷଣ ପିଟିଲା । ପୁଣି ପଚାରିଲା, 'କିରେ ମହାରାଣୀଙ୍କ ରାଣୀ - ଲଡୁ କେମିତି ଲାଗିଲା ?' କୋକିଶିଆଳୀ ବିଚାରୀ କ'ଣ ଆଉ କରନ୍ତା । ଯନ୍ତ୍ରଣାରେ କାତର ହୋଇ ବଣକୁ ଫେରିଗଲା ।



# ବେଗମ ବଟାନା

ତୈୟବ ଅଲୀ ନାମକ ଲୋକଟିଏ ଥିଲା। ତାର ସ୍ତ୍ରୀ ମଧ୍ୟ ଥିଲା। ଦିନେ ତା ସ୍ତ୍ରୀ ମଇଁଷି ଦୁହିଁବାକୁ ବସିଲା ବେଳେ ଭୀଷଣ ଭାବରେ ଫଟକା ଫୁଟିଲା ପରି ତାର ହାକୁଟି ମାରିଲା। ସେ ଭାବିଲା କଥାଟା ଭୀଷଣ ଖରାପ ହେଲା। ମଇଁଷିଟି ସେ ଶବ୍ଦ ଶୁଣିପାରିଛି। ସେ ନିଶ୍ଚୟ ଗଉଡ଼କୁ କହିବ ଏବଂ ଗଉଡ଼ ଗାଁଯାକ ପ୍ରଘଟ କରିଦେବ। ମୋର ଭୀଷଣ ବଦନାମ ହୋଇଯିବ, ଏବେ କ'ଣ କରାଯାଇପାରେ।

ଆଉ କିଛି ନ ଭାବିପାରି ସେ ମଇଁଷିଟିକୁ ସାମ୍ନାରେ ଛିଡ଼ା କରାଇ ବୁଝାଇବାକୁ



ଲାଗିଲା, 'ଶୁଣ କାଳୀ ମାଆ, ଏପରି ଭୀଷଣ ଶବ୍ଦ କଥା କାହାକୁ ତୁ କହିବୁନି।' ଠିକ୍ ସେତିକିବେଳେ ତା କାନ ଉପରେ ମାଛିଟିଏ ବସିଥିଲା। ସେଥିପାଇଁ ସେ ମୁଣ୍ଡ ହଲାଇଦେଲା। ବେଗମ ଭାବିଲା ମଇଁଷି କହୁଛି "ନିଶ୍ଚୟ କହିବି" - ସେ ଗଉଡ଼କୁ କହିବ ଏବଂ ଗଉଡ଼ ଗାଁ ସାରା ଖବର ପ୍ରଚାର କରିଦେବ।

ବେଗମ ଘରକୁ ଆସି ମୁଣ୍ଡରେ ହାତଦେଇ ବସିଲା। କିଛି ସମୟ ପରେ ତୈୟବ ଅଲୀ ଆସିଲା। ସ୍ତ୍ରୀ ଗୋଟାଏ କୋଣରେ ମନଦୁଃଖରେ ବସିଥିବା ଦେଖି କହିଲା, 'ବେଗମ୍ ବଟାନା, ଚୁପ୍‌ଚାପ୍ ବସି କାନ୍ଦୁଛ କାହିଁକି ?' ବେଗମ୍ କହିଲା, 'କ'ଣ ଆଉ କହିବି ? ବହୁତ ଅସୁବିଧା ହୋଇଗଲାଣି। କ'ଣ କହିବି କିଛି ଭାବି ପାରୁନି।' ତୈୟବ ଅଲୀ କହିଲା, 'କିନ୍ତୁ କଥା କ'ଣ ?' ବେଗମ୍ ସବୁକଥା କହିସାରି କହିଲା, 'ମୁଁ ମଇଁଷିକୁ ଢେର ବୁଝାଇଲି ସେ ଆଦୌ କିଛି ଶୁଣୁନି। ସେ କହୁଛି ଗଉଡ଼କୁ କହିବ ଆଉ ସାରା ଗାଁରେ ଗଉଡ଼ ପ୍ରଚାର କରିଦେବ। ମୁଁ କେମିତି ଗାଁରେ ମୁହଁ ଦେଖାଇବି।'

ତୈୟବ ଅଲୀ କହିଲା, 'ଏଟା କେବଳ ତୁମର ନୁହେଁ, ଆମ ମାନ ସମ୍ମାନର କଥା। ବୁଡ଼ି ମରିବା ସହିତ ସମାନ। ଆଜି ରାତିରେ ଘର ଛାଡ଼ି ଆଉ କେଉଁ ଗାଁକୁ ପଳାଇଯିବା।'

ରାତିରେ ଘରର ସବୁ ଆସବାବପତ୍ର ବଳଦ ଗାଡ଼ିରେ ଲଦିଦେଲେ। ଗାଁର ସୀମାରେ ପହଞ୍ଚିଲା ମାତ୍ରେ ଜଗୁଆଳି ଜଣେ ପାଟିକରି ପଚାରିଲା, 'ଗାଡ଼ିରେ କିଏ ଅଛ ?' ତୈୟବ ଅଲୀ କହିଲା, 'ମୁଁ ତୈୟବ ଅଲୀ ତୋପବାଲା।' ଜଗୁଆଳି ଜଣକ ପୁଣି ପଚାରିଲା, 'ଏତେ ରାତିରେ ଆପଣ କୁଆଡ଼େ ଯାଉଛନ୍ତି ?' ସେ କହିଲା, 'କ'ଣ କରିବି, ମୋ ମଥାରେ ବିପଦ ପଡ଼ିଛି।' ଜଗୁଆଳି ଜଣକ ସବୁକଥା ଜାଣିବାକୁ ଚାହିଁବାରୁ ତୈୟବ ଅଲୀ ସବୁ କହିଲା ଏବଂ 'ଏବେ ଆମେ କ'ଣ କରିବୁ ତୁମେ କୁହ' ବୋଲି ପଚାରିଲା।


ଜଗୁଆଳି ଜଣକ ହସି ହସି କହିଲା, 'ଏଟା ଖୁବ୍ ସହଜ କଥା। ମୁଁ ଏବେ ରାଜାଙ୍କୁ ଯାଇ ଅନୁରୋଧ କରିବି ଯେ ଏ ସମ୍ପର୍କରେ କେହି ଯେମିତି କାହାକୁ କିଛି ନ କହେ।'

ତା ପରଦିନ ସକାଳେ ଜଗୁଆଳି ଜଣକ ରାଜାଙ୍କୁ ଯାଇ ସବୁକଥା କହିଲା ଏବଂ ରାଜା ଗାଁ ସାରା ଢେଙ୍ଗୁରା ପିଟି କୁହାଇଲେ, 'ବେଗମ ବଟାନା ଯେଉଁ ହାକୁଟି ମାରି ଫଟକା ପରି ଶବ୍ଦ କରିଥିଲେ, ଏକଥା କେହି କାହାକୁ କହିବେନି ।'



# ଭୂତର ବାପା

ପିଲାଟିଏ ଥିଲା । ଦିନେ ଚାକିରି କରିବା ପାଇଁ ବମ୍ବେ ଯିବାକୁ ପ୍ରସ୍ତୁତ ହେଲା । ବାଟରେ ଖାଇବା ପାଇଁ ତା ମାଆ ଆଳୁପୁର ଦିଆ ସାତୋଟି ପରଟା ତା ସାଙ୍ଗରେ ଦେଇଥିଲା । ପରଟାସବୁକୁ ଟିଫିନରେ ରଖି ପିଲାଟି ଚାଲିବାକୁ ଲାଗିଲା । କିଛିବାଟ ଯିବା ପରେ ରାସ୍ତାରେ ଗୋଟାଏ କୂଅ ପଡ଼ିଲା । ଖରାବେଳ ହୋଇଯାଇଥିଲା । ପିଲାଟି ଭାବିଲା ଭୋକରେ ପେଟ



କାଟିଲାଣି । ଏଇଠି ବସି ଜଳଖିଆ ଖାଇଦେଲେ ଠିକ୍ ହେବ । ସେଠାରେ ସେ ବସିପଡ଼ିଲା ଆଉ ଟିଫିନ୍ ଖୋଲି ପରଟାସବୁକୁ କାଢ଼ିବାରେ ଲାଗିଲା । ତାକୁ ଭୀଷଣ ଭୋକ ଲାଗୁଥିଲା । ସେ ଆପେ ଆପେ କହିଲା, 'ଏଥିରୁ କେତେଟା ଖାଇବି ? ଗୋଟାଏ ନା ଦୁଇଟା, ନା ତିନିଟା, ନା ଚାରିଟା, ନା ପାଞ୍ଚଟା, ନା ଛଅଟା, ନା ସାତଟାଯାକ ଏକାବେଳେ ଖାଇଦେବି ।'

ସେ କୂଅରେ ସାତଜଣ ଭୂତ ରହୁଥିଲେ । ସେମାନେ ସମସ୍ତେ ପିଲାଟିର କଥା ଶୁଣି ଭୀଷଣ ଡରିଗଲେ । ତାଙ୍କ ଭିତରୁ ଜଣେ କହିଲା, 'ଆରେ ଏମିତି ଜନ୍ତୁଟିଏ କିଏ ଏଠାକୁ ଆସିଲାଣି ଯିଏ ଆମ ସମସ୍ତଙ୍କୁ ଖାଇଦେବ ବୋଲି କହୁଛି ? ନିଶ୍ଚୟ କେହି ଶକ୍ତିଶାଳୀ ହେବ ବୋଧହୁଏ ।' ଦ୍ୱିତୀୟ ଭୂତ ଜଣକ କହିଲା, 'ଚାଲ ତାକୁ ଯେମିତି ହେଉ ଖୁସି କରିଦେବା ସେ ଏଠୁ ଚାଲିଯିବ ।' ଭୂତମାନଙ୍କ ପାଖରେ ଗୋଟାଏ ଐନ୍ଦ୍ରଜାଲିକ ଚୁଲି ଥିଲା । ତାକୁ ନେଇ ଜଣେ ଭୂତ ଡରିଡରି ଉପରକୁ ଆସିଲା ଏବଂ କହିଲା, 'ଆରେ ବାଳକ, ଆମେମାନେ ତୋର କ'ଣ କ୍ଷତି କଲୁ ଯେ ଆମ ସମସ୍ତଙ୍କୁ ଖାଇଯିବା କଥା କହୁଛୁ ? ମାଂସାଶୀ ନ ହୋଇ ଶାକାହାରୀର ଗୁଣ ବୁଝ ! ଯଦି ଦରକାର ଅଛି ଏ ଚୁଲିକୁ ନେଇଯା । ଏଥିରେ ଏମିତି ଚମତ୍କାରିତା ଅଛି ଯେ ଏଥିରେ ଯାହା ଯାହା ଶାକାହାରୀ ଖାଦ୍ୟ ରାନ୍ଧିବାକୁ ଚାହିଁବୁ ଚଟାପଟ୍ ରାନ୍ଧି ହୋଇଯିବ । ଖାଇବାକୁ ମାଗିଲେ, ସାଙ୍ଗେ ସାଙ୍ଗେ ମିଳିଯିବ ।'

ପିଲାଟି ଖୁସି ମନରେ ଚୁଲି ନେଇ ମନେ ମନେ ଭାବିଲା ଯାହାହେଉ ଏତେଦିନ ପରେ ମୋ ଭାଗ୍ୟ ଖୋଲିଗଲା । ଏବେ ଆଉ ବମ୍ବେ ଯିବା ଦରକାର କ'ଣ ? ସେ ଘର ଆଡ଼କୁ ମୁହାଁଇଲା । ବାଟରେ ତାର ଭଉଣୀ ଘର ପଡ଼ିଲା । ସେଠାରେ ସେ ରାତିରେ ରହିଲା । ଶୋଇଲା ବେଳେ ଭାବିଲା ଆଉଥରେ କୂଅ ନିକଟକୁ ଯାଇ ଆଉ କିଛି ଜିନିଷ କାହିଁକି ନ ଆଣିବି ? ଭଉଣୀକୁ ସେ ସବୁକଥା କହିଲା ଏବଂ ଚୁଲିକୁ ମଧ୍ୟ ତାକୁ ଦେଇଦେଲା । ଆଉଥରେ ସାତଖଣ୍ଡ ପରଟା ନେଇ ଜଙ୍ଗଲକୁ ଗଲା । ଦ୍ୱିପ୍ରହର ପୂର୍ବରୁ କୂଅ ପାଖରେ ପହଞ୍ଚିଗଲା । ଝରଣା କୂଳରେ ବସି ପରଟା କାଢ଼ିବା ସଙ୍ଗେ ସଙ୍ଗେ କହିଲା, 'ଗୋଟାଏ ନା ଦୁଇଟା, ନା ତିନିଟା, ନା ଚାରିଟା, ନା ପାଞ୍ଚଟା, ନା ସାତଟା ଯାକ ଖାଇଦେବି ।' ଏକଥା ଶୁଣିବା ମାତ୍ରେ ଭୂତମାନଙ୍କ ଭିତରେ ଆଲୋଡ଼ନ ଖେଳିଗଲା । କେତେକ ଭୂତ ଡରରେ ଥରିବାକୁ ଲାଗିଲେ । ଶେଷରେ ତାଙ୍କ ଭିତରୁ ଜଣେ ଭୂତ ସାହସ ଧରି ଉପରକୁ ଆସିଲା । ତା ସାଙ୍ଗରେ ଗୋଟାଏ ଐନ୍ଦ୍ରଜାଲିକ କୁକୁଡ଼ା


ଆଣିଥିଲା । ହାତ ଯୋଡ଼ି କହିଲା, 'ପୁଅ, ଏଇ କୁକୁଡ଼ାଟିକୁ ନେଇଯା ଆଉ ଆମମାନଙ୍କ ପିଛା ଛାଡ଼ିଦେ । ଏଇ କୁକୁଡ଼ାଟି ପ୍ରତିଦିନ ତୋତେ ଗୋଟାଏ କରି ସୁନା ଅଣ୍ଡା ଦେବ ।' ପିଲାଟି ଖୁସି ହୋଇ ଭାବିଲା ଯାକୁହିଁ କହନ୍ତି "ଛପରଫାଡ୍" କରି ସୁନା ବରଷିବା ।

କୁକୁଡ଼ାଟିକୁ ସାଙ୍ଗରେ ନେଇ ଭଉଣୀ ଘରକୁ ଆସିଲା । ସେଠାରେ ସେ ଦୁଇଦିନ ରହିଲା । ତା ମନରେ ପୁନର୍ବାର କୂଅ ପାଖକୁ ଯିବାପାଇଁ ଅସ୍ଥିରତା ଆରମ୍ଭ ହୋଇଗଲା । ପୁଣିଥରେ ପରଟା ତିଆରି କରି ଝରଣା ପାଖରେ ପହଞ୍ଚିଲା ଏବଂ ଆଗପରି କହିବାରେ ଲାଗିଲା, 'ଗୋଟାଏ ଖାଇବି ନା ଦୁଇଟା ଖାଇବି, ନା ତିନିଟା ଖାଇବି, ନା ଚାରିଟା ଖାଇବି, ପାଞ୍ଚଟା ଖାଇବି କି ଛଅଟା ଖାଇବି ନା ସାତଟାଯାକ ଚୋବାଇକି ଖାଇଦେବି ।' ଏକଥା ଶୁଣି ବଡ଼ଭୂତ ଜଣକ ଥରିବାକୁ ଲାଗିଲା । ସାନଭୂତଟି କାନ୍ଦିଲା । ସେମାନଙ୍କ ଭିତରୁ ଜଣେ ଭୂତ କାନ୍ଦି କାନ୍ଦି ଉପରକୁ ଆସିଲା ଏବଂ ଜୁହାର ହୋଇ କହିଲା, 'ପୁଅ, ଆମମାନଙ୍କୁ କଲବଲ କରି ତୋର କ'ଣ ଲାଭ ହେବ ? ସବୁଠୁଁ ଭଲ ହେବ ଏଇ ଜୋତାଟିକୁ ନେଇ ଘରକୁ ଫେରିଯା, ଯେତେବେଳେ ତୁ ଜୋତାକୁ ଆଦେଶ ଦେବୁ, ଚାଲରେ ଜୋତା ଟନ୍ ଟନା ଟନ୍, ଠିକ୍ ସେତିକିବେଳେ ଜୋତାଟି ଠକ, ବଦମାସ, ଦୁଷ୍ଟ, ମିଛୁଆ ଲୋକମାନଙ୍କୁ ଆକ୍ରମଣ କରିବ, ଯେପର୍ଯ୍ୟନ୍ତ ତାକୁ ତୁ ନ ଅଟକାଇଛୁ ଏହା ମାଡ଼ ମାରି ଚାଲିଥିବ ।'

ପିଲାଟି ପୁଣି ତା ଭଉଣୀ ଘରକୁ ଆସିଲା । ସେ ତା ଚୁଲି ଏବଂ କୁକୁଡ଼ା ମାଗିଲାକ୍ଷଣି ଭଉଣୀ ମନରେ ଲୋଭ ଆସିଲା ଏବଂ ସେ ଅସଲି ଚୁଲି ଏବଂ ଅସଲି କୁକୁଡ଼ାକୁ ଲୁଚାଇ ଦେଲା ଏବଂ ବଜାରରୁ ନକଲି ଚୁଲି ଓ ନକଲି କୁକୁଡ଼ା ଆଣି ଭାଇକୁ ଦେଲା । ଭଉଣୀ ଯେତେବେଳେ ରାନ୍ଧିବାକୁ ଗଲା ଭାଇ ଅସଲି ଚୁଲି କି ନକଲି ପରୀକ୍ଷା କରିବା ପାଇଁ ଚୁଲିକୁ କହିଲା, 'ଜଲ୍‌ଦି ଜଲ୍‌ଦି ରସଗୋଲା ତିଆରି କରିଦେ ଚୁଲି, କିନ୍ତୁ ଚୁଲି କିଛି ବି କଲାନି ।' ପୁଣି କୁକୁଡ଼ାକୁ କହିଲା, 'ଶୀଘ୍ର ଶୀଘ୍ର ସୁନାଅଣ୍ଡା ମୋତେ ଦେ' । କୁକୁଡ଼ା ଅଣ୍ଡା ଦେବା ବଦଳରେ ଥଣ୍ଟରେ ଖୁମ୍ପିବାକୁ ଗୋଡ଼ାଇଲା । ପିଲାଟି ରାଗିଗଲା । ଏଥର ତା ଭଉଣୀର ଚାଲ୍ ସେ ବୁଝିପାରିଲା । କିନ୍ତୁ ଭାବିଲା ଚିନ୍ତାର କୌଣସି କାରଣ ନାହିଁ । ଏବେ ପ୍ରକୃତ କଥା ଜଣାପଡ଼ିଯିବ । ଏଥର ସେ ତା ଭଉଣୀକୁ ଡାକି କହିଲା, 'ଏହି ଜୋତାର କରାମତି ଦେଖ୍ । ତାକୁ ଯଦି ତୁ କହିବୁ ଚାଲ୍‌ରେ ଜୋତା ଚାଲ୍ ଟନାଟନ୍ - ସେ ନାଚିବାକୁ ଲାଗିବ ।' ଭଉଣୀ ଭାବିଲା ଏଇଟାକୁ ବି ମୁଁ

ରଖିନେବି। ସଂଗେ ସଂଗେ ସେ ଅନ୍ୟ ଏକ ଜୋତା ନେଇ ଆସିଲା ଏବଂ ଚୁପ୍‌ଚାପ୍ ଅସଲି ଜୋତା ସ୍ଥାନରେ ରଖିଦେଲା। ନିଜ ଘର ଭିତରକୁ ଯାଇ ଅସଲି ଜୋତାକୁ କହିବାରେ ଲାଗିଲା, 'ଚାଲ୍‌ରେ ଜୋତା, ଟନ୍ ଟନା ଟନ୍, ଟନ୍ ଟନା ଟନ୍।'

ସଙ୍ଗେ ସଙ୍ଗେ ଜୋତାଟି ଭଉଣୀ ଉପରକୁ ଝାମ୍ପିପଡ଼ିଲା। ଭଉଣୀ ଛଡ଼ା ଅନ୍ୟ କେହି ସେଠାରେ ଠକ କିମ୍ବା ମିଛୁଆ ନଥିଲେ। ସେଥିପାଇଁ ଜୋତାଟି ଭଉଣୀର ମୁଣ୍ଡ ଉପରକୁ ଝାମ୍ପି ପଡ଼ିଲା। ଭଉଣୀଟି କାନ୍ଦିବା ସହିତ ଚିତ୍କାର କରି କରି ଗୋଟାଏ ଘରୁ ଅନ୍ୟ ଏକ ଘରକୁ ଦଉଡୁଥାଏ। ଜୋତା ବି ସେହିପରି ତା ପଛରେ ଦଉଡ଼ି ଦଉଡ଼ି ତାକୁ ଆଘାତ କରୁଥାଏ। ଭଉଣୀ ବିଚାରୀ ବେଦମ ହୋଇଗଲା। ତା ମୁଣ୍ଡର ସବୁ ବାଳ ଉପୁଡ଼ି ଗଲା। ଏଥର ସେ ତା ଭାଇ ପାଖକୁ ଦଉଡ଼ି ଦଉଡ଼ି ଆସି କହିଲା 'ତମ କରାମତି ଜୋତାଟିକୁ ତମ ପାଖକୁ ଡାକିନିଅ। ମୋତେ ମାରି ମାରି ବେଦମ୍ କରି ମୁଣ୍ଡ ଫଟାଇ ସାରିଲାଣି।' ଭାଇ ଜଣକ କହିଲା, 'ନିଶ୍ଚୟ ଡାକି ଆଣିବି। ତା ଆଗରୁ ମୋ ଅସଲି ଚୁଲି ଆଉ କୁକୁଡ଼ା ଫେରାଇ ଦେ।' ଭଉଣୀଟି ଲଜ୍ଜିତ ହୋଇଗଲା। ତା ଭାଇର ଦୁଇଟା ଜିନିଷ ସଂଗେ ସଂଗେ ଫେରାଇଦେଲା। ଏଥର ବାଳକଟି ଜୋତାକୁ କହିଲା, 'ଟନ୍ ଟନା ଟନ୍ ଆସ ଜୋତା ଛନ୍ ଛନା ଛନ୍।' ସେହି ମୁହୂର୍ତ୍ତରେ ଜୋତା ଶାନ୍ତ ହୋଇ ପିଲାଟି ପାଖକୁ ଫେରିଗଲା।



ତା ପରଦିନ ବାଳକଟି ଘରେ ଯାଇ ପହଞ୍ଚିଲା । ଚୁଲିଟିକୁ ନାନା ପ୍ରକାର ଖାଇବା ଜିନିଷ ତିଆରି କରିବାକୁ କହିଲା ଏବଂ ମାଆ ସହିତ ବସି ଖାଇଲା । ସୁନାଅଣ୍ଡା ବିକି ବିକି ଗୋଟାଏ ପ୍ରକାଣ୍ଡ କୋଠା ତିଆରି କଲା ଏବଂ ମାଆ ସହ ଖୁବ୍ ଜାକଜମକରେ ରହିବାକୁ ଲାଗିଲା ।

ଦିନେ ସେ ରାଜପ୍ରାସାଦକୁ ଯାଇ ରାଜକୁମାରୀକୁ ବିବାହ କରିବ ବୋଲି ନମ୍ର ଭାବରେ ନମସ୍କାର କରି ରାଜାଙ୍କୁ ପ୍ରସ୍ତାବ ଦେଲା । ଏକଥା ଶୁଣି ରାଜା କ୍ରୋଧିତ ହୋଇ କହିଲେ, 'ତୁ ସାମାନ୍ୟ ପିଲାଟିଏ ତୋର ପୁଣି ଏତେ ସାହସ ।' ସୈନିକଙ୍କୁ ଆଦେଶ ଦେଲେ ତାକୁ କାରାଗାରରେ ବନ୍ଦକରି ପ୍ରତିଦିନ ଦଶ ପାହାର ଚାବୁକ୍ ମାରିବା ପାଇଁ । ପିଲାଟି ପାଖରେ କରିତ୍‌କର୍ମା ଜୋତାଟି ମହଜୁଦ୍ ଥିଲା । ଆଦେଶ ପାଇଲା କ୍ଷଣି ସୈନିକଙ୍କ ଉପରକୁ ଝାମ୍ପିପଡ଼ିଲା । କାହାର ପଗଡ଼ି ଉଡ଼ିଗଲାଣି ତ କାହାର ଗୋଡ଼ ଭାଙ୍ଗିଗଲାଣି । କାହାର ମୁଣ୍ଡ ଫାଟିଗଲାଣି ତ କାହାର ଗାଲ ଲାଲ୍ ହୋଇ ଗଲାଣି । ସମସ୍ତେ ଯେ ଯୁଆଡ଼େ ଦଉଡ଼ି ପଳାଇଗଲେ । ରାଜା ନିଜର ସେନାପତିଙ୍କୁ ପଠାଇଲେ । ତାଙ୍କର ମଧ୍ୟ ସେହି ଅବସ୍ଥା ହେଲା । ତା ଉପରେ ଏତେ ଜୋତା ପାହାର ପଡ଼ିଲା ଯେ ଗଡ଼ି ପଡ଼ିଲା । ଶେଷରେ ରାଜାଙ୍କୁ ତାଙ୍କ ରାଜକୁମାରୀଙ୍କ ବିବାହ ସେହି ବାଳକ ସହିତ କରିବାକୁ ପଡ଼ିଲା ।

# ଏଣୁତେଣୁ


ମୁନିଆଁ ପାହାଡ଼ ଉପରେ ଥିଲା ତିନୋଟି ଗାଁ
ଗୋଟିଏ ଥିଲା ଶୁନ୍‌ଶାନ୍
ଅନ୍ୟ ଗାଁରେ ଲୋକ ଥିଲେ କାଁ ଭାଁ ।
ତିନୋଟି କୁମ୍ଭାର ଗାଁକୁ ଦିନେ ଗଲେ
ଦୁଇଟି କୁମ୍ଭାର ଅଧା ହାଣ୍ଡି ଗଢ଼ିଲେ
ଆଉ ଜଣେ କିଛି ଗଢ଼ିଲା ନାହିଁ ।
ଦୁଇଟି କୁମ୍ଭାର ତିନୋଟି ଗଢ଼ିଲେ
ଦୁଇଟି ରହିଲା କଞ୍ଚା, ଆରଟି ପୋଡ଼ିଲା ନାହିଁ ।

ତିନୋଟି କଲରା ହାଣ୍ଡିରେ ହେଲା ରନ୍ଧା
ଦୁଇଟି ଭୀଷଣ ପିତା ଗୋଟେ ନଥିଲା ମିଠା ।
ଅତିଥି ଆସିଲେ ତିନିଜଣ
ଦୁଇଜଣ ରୋଗୀ, ଆଉଜଣେ ଖାଇଲେନି ।
ତିନୋଟି ଟଙ୍କା ସେମାନେ ଦେଲେ
ଦୁଇଟା ଅଚଳ ଥିଲା ଆରଟି ଚଳିଲା ନାହିଁ ।
ମନ୍ତ୍ରୀ ଆସିଲେ ତିନିଜଣ
ଦୁଇଜଣ ଅନ୍ଧ ଆଉଜଣେ କିଛି ଦେଖିଲେନି ।




# ଅକଲ ବିନା ନକଲ

ଜଣେ ବ୍ରାହ୍ମଣ ଥିଲା । ତା ପଡ଼ୋଶୀ ଭାବରେ ବାରିକଟିଏ ରହୁଥିଲା । ବାରିକର ଗୋଟାଏ ଅଦ୍ଭୁତ ସ୍ୱଭାବ ଥିଲା । ବ୍ରାହ୍ମଣ ଜଣକ ଯାହା କରୁଥିଲା ଠିକ୍ ସେଇଆ ସେ ଅନୁକରଣ କରୁଥିଲା । ବ୍ରାହ୍ମଣ ଗାଧୋଇ ସାରି ପୂଜାପାଠ ସନ୍ଧ୍ୟା ଆଦି ସାରି ମାଳା ଜପୁଥିଲା । ସେ ମଧ୍ୟ ସେଇଆ କରୁଥିଲା । ବ୍ରାହ୍ମଣ ତିଳକ ଲଗାଇଲାବେଳେ ସେ ମଧ୍ୟ ଲଗାଉ ଥିଲା ।



ପ୍ରକୃତରେ ସେ ବ୍ରାହ୍ମଣକୁ ଅନୁକରଣ କରୁଥିଲା ତାକୁ ଚିଡ଼ାଇବା ପାଇଁ।

ଦିନେ ବ୍ରାହ୍ମଣଟି ଭାବିଲା ତାକୁ ଅନୁକରଣ କରୁଥିବା ବାରିକକୁ ପାନେ ଦେବା ଦରକାର। ଏକଥା ଭାବୁ ଭାବୁ ଦୀପାବଳି ଆସିଗଲା। ପୂଜା ପାର୍ବଣ ଦିନମାନଙ୍କରେ ବ୍ରାହ୍ମଣ ଯାହା ଯାହା କଲା ବାରିକ ଜଣକ ଠିକ୍ ସେଇଆ କଲା। ବ୍ରାହ୍ମଣ ଭାବିଲା କିଛି ଗୋଟାଏ ଯୋଜନା କରିବା ପାଇଁ ଏଇଟା ହେଉଛି ସୁବର୍ଣ୍ଣ ସୁଯୋଗ। ସେ ତା ସ୍ତ୍ରୀକୁ ନିରୋଳାରେ ଡାକି ଚୁପ୍ ଚୁପ୍ କରି କହିଲା, 'ଏଇ ବାରିକଟା ପ୍ରତିଦିନ ମୋତେ ଭାରି ହଇରାଣ କରୁଛି। ତାକୁ ଗୋଟାଏ ଶିକ୍ଷା ଦେବା ପାଇଁ ମୁଁ ଉପାୟଟିଏ ଭାବିଲି। ସଞ୍ଜବେଳେ ତୋତେ ମୁଁ କହିବି ଯେ ଆଜି



ରାତିରେ ଆମେ ଆମର ନାକ କାଟିଦେବା ଏବଂ ଆସନ୍ତାକାଲି ନୂଆ ନାକ ସହିତ ଦୀପାବଳି ପାଳନ କରିବା । ତୁ କହିବୁ ବାଃ ବହୁତ ବଢ଼ିଆ କଥା – ମଜା ହେବ ।'

ରାତିଖିଆ ଶେଷ କରି ବ୍ରାହ୍ମଣ ବିଛଣାରେ ଶୋଇ ଶୋଇ ତା ସ୍ତ୍ରୀକୁ କହିଲା, 'ଆରେ ଶୁଣୁଛ ନା କଚୋଡ଼ିର ମାଆ । ଆସନ୍ତାକାଲି ଦୀପାବଳି, ଆମେ ସମସ୍ତେ ନୂଆ ନାକ ସହିତ ଦୀପାବଳି ପାଳନ କରିବା । ଆଜି ରାତି ବାରଟାରେ ସମସ୍ତଙ୍କର ନାକ କଟାଯିବ ଏବଂ କାଲି ସକାଳେ ସମସ୍ତଙ୍କର ନୂଆ ଏବଂ ଚମତ୍କାର ନାକ ମିଳିଯିବ । ତମେ ସମସ୍ତେ ପ୍ରସ୍ତୁତ ହୋଇ ରହିବ । ନୂଆ ନାକ ସହ ଦୀପାବଳି ପାଳନ କରିବାରେ ଆନନ୍ଦ ଅଲଗା ପ୍ରକାର ।' ବ୍ରାହ୍ମଣ ମିଛରେ ମିଛରେ ଫୁସ୍‌ଫୁସ୍ କରି ତା ସ୍ତ୍ରୀକୁ କହୁଥିଲା । କିନ୍ତୁ ଏତେ ବଡ଼ ପାଟିରେ କହୁଥିଲା ଯେ ପଡ଼ିଶା ଘରେ ଥିବା ବାରିକ ଯେମିତି ଶୁଣିପାରିବ ।

ବାରିକ ତ ଜନ୍ମରୁ ଅନୁକରଣପ୍ରିୟ ଥିଲା । ତେଣୁ ମନେ ମନେ ଭାବିଲା ଚିନ୍ତାର କିଛି କାରଣ ନାହିଁ । ମୁଁ ସବୁ ଶୁଣିପାରିଛି । ଯଦି ବ୍ରାହ୍ମଣ ନୂଆ ନାକରେ ଦୀପାବଳି ପାଳନ କରିପାରୁଛି ମୁଁ କାହିଁକି ନ କରିବି ?

ବ୍ରାହ୍ମଣକୁ କାହା ପାଖରୁ ହେଲେ କ୍ଷୁର ମାଗିବାକୁ ପଡ଼ିବ । କିନ୍ତୁ ମୋ ପାଖରେ ତ ନୂଆ କ୍ଷୁର ରହିଛି । ବ୍ରାହ୍ମଣକୁ ଚେଲେଞ୍ଜ ଦେବା ପାଇଁ ଖୁବ୍ ଭଲଭାବରେ ନାକ କାଟିପାରିବି । ବ୍ରାହ୍ମଣ ତା ଘର ପାଇଁ ଯେଉଁ ନୂଆ ନାକ ଆଣିବ ତାଠାରୁ ବେଶୀ ସୁନ୍ଦର ନାକ ଆମ ଘରକୁ ବି ଆସିବ ।

ସମସ୍ତେ ଶୋଇପଡ଼ିଲେ । ରାତି ଅଧରେ ବ୍ରାହ୍ମଣ ଉଠିଲା ଏବଂ ଖଟରେ ଶୋଇ ଶୋଇ ଘରଣୀକୁ ମିଛରେ କହିଲା, 'ଶୁଣ, ତୁ ଏ ଆଡ଼କୁ ଆ, ତୋ ନାକ କଟା ହେବ ।' ଘରଣୀ ମଧ୍ୟ ସେମିତି ଶୋଇ ଶୋଇ କହିଲା, 'ହଉ ଏବେ ଆସିଲି – ଡେରି କାହିଁକି କରୁଛ ? ଶୀଘ୍ର ଶୀଘ୍ର ନାକ କାଟିଦିଅ ।' ସତରେ ଯେମିତି ନାକ କଟା ହୋଇଗଲା, ସେମିତି ଅଭିନୟ କରି ଖୁବ୍ ଜୋରରେ ବଡ଼ ପାଟିରେ ବ୍ରାହ୍ମଣୀ କାନ୍ଦିଲା । ବ୍ରାହ୍ମଣ ଶୋଇ ରହି କହିଲା, 'ଜମା କାନ୍ଦନା । ମୁଁ ସଂଗେ ସଂଗେ ମଲମ ଲଗାଇ ଦେଉଛି । ସକାଳ ହେଲେ ଖୁବ୍ ସୁନ୍ଦର ନାକ ଆସିଯିବ ।' ଘରଣୀ ସେମିତି ମିଛରେ ମିଛରେ ଶୋଇପଡ଼ିଲା । ତା ପରେ ପରେ ବ୍ରାହ୍ମଣ ତା ପିଲାଙ୍କର ନାକ କାଟିବାର ଏକା ପ୍ରକାର ଅଭିନୟ କଲା । କିଛି ସମୟ ପିଲାମାନେ ଉଁ ଉଁ କରି କାନ୍ଦିଲେ ଏବଂ ଶୋଇପଡ଼ିଲେ ।

ଏବେ ବାରିକ ନାକ କାଟିବା ପାଇଁ ପ୍ରସ୍ତୁତ ହେଲା । ସେ ଭାବିଲା ବ୍ରାହ୍ମଣ ସମସ୍ତଙ୍କ ନାକ କାଟି ସାରିଲାଣି । ଏବେ ମୋର ମଧ୍ୟ ନାକ କାଟିବା ଦରକାର । ସେ ତା ବାକ୍ସରୁ ଖୁର ବାହାର କରି ଖୁବ୍ ଧୀରେ ଧୀରେ ତା ଘରଣୀର ଖଟ ପାଖକୁ ଯାଇ ସାବଧାନତାର ସହ ନାକଟାକୁ କାଟିଦେଲା । ବାରିକାଣୀ ଚମକି ଉଠି ବସିପଡ଼ିଲା ଏବଂ ଯନ୍ତ୍ରଣାରେ ଚିତ୍କାର କରିବାକୁ ଲାଗିଲା । ବାରିକ କହିଲା, 'ତୁ ଆଦୌ କାନ୍ଦନା, ମୁଁ ଏବେ ନାକରେ ପଟି ବାନ୍ଧି ଦେଉଛି, କାଲି ସକାଳେ ସୁନ୍ଦର ସୁନ୍ଦର ନୂଆ ନାକ ଆସିଯିବ । ବ୍ରାହ୍ମଣ ଏବେ ତା ପରିବାରର ସମସ୍ତଙ୍କ ନାକ କାଟିଦେଲାଣି, ସେ ନୂଆ ନାକ ଲଗାଇ ଦୀପାବଳି ପାଳନ କରିବ, ଆମେ କାହିଁକି ପଛରେ ପଡ଼ିବା ?'

ବାରିକାଣୀର ନାକରୁ ରକ୍ତ ବହିବାରେ ଲାଗିଛି । ଔଷଧ କ'ଣ ଅଛି ଯେ ଲଗାଯିବ । ତା ପରେ ପରେ ବାରିକ ଅତି ସାବଧାନରେ ନିଜ ନାକଟିକୁ ମଧ୍ୟ କାଟିଦେଲା । ସେ ମଧ୍ୟ ଯନ୍ତ୍ରଣାରେ କାତର ହୋଇପଡ଼ିଲା । ହେଲେ ନୂଆ ନାକ ଲଗାଇ ଦୀପାବଳି ପାଳନ କରିବାର ଉତ୍ସାହରେ ନିଜ ନାକରେ ମଲମ ଏବଂ ପଟି ବାନ୍ଧି ଶୋଇପଡ଼ିଲା ।

ସକାଳେ ବ୍ରାହ୍ମଣ ବିଛଣାରୁ ଉଠି ବଡ଼ ପାଟିରେ ଘରଣୀକୁ କହିଲା, 'ଆରେ କଚୋଡ଼ି ମାଆ, ସମସ୍ତଙ୍କର ନୂଆ ନାକ କେମିତି ହୋଇଛି ।' ଘରଣୀ ସହିତ ପିଲାମାନେ ମଧ୍ୟ ସେମିତି ବଡ଼ ପାଟିରେ କହିଲେ, 'ଅତି ସୁନ୍ଦର । ଖୁବ୍ ବଢ଼ିଆ ।' ବ୍ରାହ୍ମଣ ପଚାରିଲା, 'କାହାରିକୁ କିଛି କଷ୍ଟ ହେଉନି ତ ?' ସମସ୍ତେ ଏକ ସ୍ୱରରେ କହିଲେ, 'କଷ୍ଟ କାହିଁକି ହେବ ? ଆମେମାନେ ଆନନ୍ଦରେ ଶୋଇଯାଇଥିଲୁ ।'

ମଧ୍ୟାହ୍ନ ହେଲା । କିନ୍ତୁ ବାରିକ କିମ୍ବା ବାରିକାଣୀର ନୂଆ ନାକ ଆସିପାରିଲାନି । ସେ ନିଜ ମନକୁ ଏଇଆ କହି ବୁଝାଇଲା ଯେ ଡେରିରେ ସେ ନାକ କାଟିଥିବାରୁ ଡେରି ହେବ ନାକ ଆସି ପହଞ୍ଚିବା ପାଇଁ । ଏହି ସମୟରେ ରାଜାଙ୍କର ସିପାହି ବାରିକକୁ ଡାକିବା ପାଇଁ ଆସିଲା । କହିଲା, 'ଆରେ ଏପର୍ଯ୍ୟନ୍ତ ତୁ ରାଜ ଉଆସକୁ ଯାଇନୁ କାହିଁକି ? ସକାଳ ପହରୁ ରାଜା ତୋ ଅପେକ୍ଷାରେ ଅଛନ୍ତି ।' ବାରିକ କହିଲା, 'ମହାରାଜାଙ୍କୁ ଯାଇ କହିବ ତାଙ୍କ ବାରିକ ଦୀପାବଳି ପାଳନ କରିବା ପାଇଁ ଷାଠିଏ ବର୍ଷର ପୁରୁଣା ନାକଟାକୁ କାଟି ଦେଇଛି ଏବଂ ନୂଆ ନାକର ଅପେକ୍ଷାରେ ଶୋଇ ରହିଛି । ନୂଆ ନାକ ଆସିଲା ପରେ ସେ ଯିବ ।' ଏକଥା ଶୁଣି


ବ୍ରାହ୍ମଣ ଏବଂ ତାଙ୍କ ଘରଣୀ ଆଉ ପିଲାମାନେ ମୁରୁକି ମୁରୁକି ହସିବାରେ ଲାଗିଲେ । ବାରିକ ବୁଝିପାରିଲା । ଅକଲ ବିନା ନକଲର ପରିଣତି ଏଇଆ ହିଁ ହୁଏ । ସେହିଦିନଠାରୁ ସେ ତା ପଡ଼ୋଶୀମାନଙ୍କୁ ନକଲ କରିବା ଅଭ୍ୟାସ ଛାଡ଼ିଦେଲା ।



## ମାଙ୍କଡ଼ମାନେ ସିମେଇ ଖାଇଦେଲେ


ଗୋଟାଏ ବୁଢ଼ୀ ଥିଲା । ତାର ପୁଅଟିଏ ଥିଲା । ପ୍ରତିଦିନ ବୁଢ଼ୀକୁ ତା ପୁଅ କହେ, 'ମାଆ ଟଙ୍କା ରୋଜଗାର କରିବା ପାଇଁ ଦୁବେଇ ଯିବି ?' ବୁଢ଼ୀ କହେ, 'ତୁ ଚାଲିଯିବୁ ତ ମୁଁ ଏକା ହୋଇଯିବି । ଆମ ଅଗଣାରେ ଯେଉଁ ନିମ୍ବଗଛ ରହିଛି ତା ଉପରେ ମାଙ୍କଡ଼ମାନେ ଅଛନ୍ତି । ମୋତେ ସେମାନେ ଶାନ୍ତିରେ ରଖେଇ ଦେବେନି ।' ପୁଅ କହିଲା, 'ଚିନ୍ତାର କୌଣସି କାରଣ ନାହିଁ । ତୁ ମୋ ବନ୍ଧୁକ ତୋ ପାଖରେ ରଖ । ଯେତେବେଳେ ମାଙ୍କଡ଼ମାନେ ଆସିବେ, ବନ୍ଧୁକଟି ଫୁଟାଇ ଦେବୁ ।'

ଗୋଟାଏ ବର୍ଷର କଥା ତ, ମୁଁ ଏଇ ଗଲି - ଏଇ ଆଇଲି । ମାଆ ବୁଢ଼ୀ ହୋଇଯାଇଥିଲା । ତା ପାଟିରେ ଗୋଟାଏ ବି ଦାନ୍ତ ନଥିଲା । ସେ କିଛି ବି ଚୋବାଇ ଖାଇପାରୁ ନଥିଲା । ସେଥିପାଇଁ ସେ ପ୍ରତିଦିନ ସିମେଇ ତିଆରି କରି ଯେତେବେଳେ ପ୍ଲେଟ୍‌ରେ ଥଣ୍ଡା କରିବାକୁ ରଖୁଥିଲା, ଠିକ୍ ସେତିକିବେଳେ ଗଛରୁ ଡେଇଁପଡ଼ି ମାଙ୍କଡମାନେ ଆସି ପହଞ୍ଚି ଯାଉଥିଲେ । ମା



ବନ୍ଧୁକ ଦେଖାଇଲେ ମାଙ୍କଡ଼ମାନେ ଦାନ୍ତ କଡ଼ମଡ଼ କରୁଥିଲେ । ବୁଢ଼ୀ ଡରିଯାଉଥିଲା । ମାଙ୍କଡ଼ମାନେ ସବୁତକ ସିମେଇ ଖାଇ ଯାଆନ୍ତି ।

ବୁଢ଼ୀ ବିଚାରୀକୁ ଭୋକରେ ରହିବାକୁ ପଡ଼େ । କେବେକେବେ ଶୁଖିଲା ଅଟାକୁ ପାଣିରେ ଗୋଳାଇ ପିଏ ତ ଆଉ କେବେ ଖାଲି ପାଣି ପିଇଦେଇ ରହିଯାଏ । ପରିଣାମ ଏଇଆ ହେଲା ଯେ ଦିନକୁଦିନ ବୁଢ଼ୀ ରୋଗଣୀ ହେବାକୁ ଲାଗିଲା । ଆଖି କୋରଡ଼କୁ ପଶିଗଲା । ଚେହେରା ଏକଦମ୍ ଖରାପ ହୋଇଗଲା । ଶୁଖିଶୁଖି କାଠ ଖଣ୍ଡେ ପରି ଦିଶିଲା । ଯେମିତି ସେମିତି ବର୍ଷଟିଏ ଚାଲିଗଲା । ପୁଅ ଫେରିଆସିଲା । ମାଆର ଏପରି ଅବସ୍ଥା ଦେଖି ବ୍ୟସ୍ତ ହୋଇ ପଚାରିଲା, 'ଏତେ ଦୁର୍ବଳ କାହିଁକି ହୋଇଯାଇଛୁ ମାଆ ? ତୋତେ କିଛି ରୋଗ ବୈରାଗ ହେଇଥିଲା କି ?' ବୁଢ଼ୀ ସବୁ କଥା ବର୍ଣ୍ଣନା କରି ପୁଅକୁ କହିଲା । ପୁଅ କହିଲା, 'କାଲି ସେ ମାଙ୍କଡ଼ମାନଙ୍କୁ ଦେଖିନେବି ।'



ତା ପରଦିନ ମାଆ ରୋଷେଇ କଲା । ଘିଅ ଦେଇ ନରମ ନରମ ପୁରି ଗୋଟାଏ ପ୍ଲେଟ୍‌ରେ ରଖିଲା ଆଉ ଗୋଟିଏ ପ୍ଲେଟ୍‌ରେ ଗରମ ଗରମ ସିମେଇ । ବସିବା ପାଇଁ ପଥରର ଚୌକି ଥିଲା । ନିଆଁରେ ତାତି ଯାଇ ଲାଲ୍‌ହୋଇ ଯାଇଥିଲା । ପୁଅ ଚାଲିଚାଲି ଯାଇ ଡାକିଲା :

**ମାଙ୍କଡ଼ ଭାଇ ଆସ, ମାଙ୍କଡ଼ ଭାଇ ଆସ**
**ନରମ ନରମ ଆସନ ଉପରେ ବସ**
**ଗରମ ଗରମ ସିମେଇ ଖାଇବ ଆସ**

ଏକଥା ଶୁଣି ମାଙ୍କଡ଼ମାନେ ସଂଗେ ସଂଗେ ଗଛ ଉପରୁ ଡିଆଁ ମାରିଦେଲେ ତଳକୁ । ଯେମିତି ଚୌକି ଉପରେ ବସି ପଡ଼ିଛନ୍ତି ତାଙ୍କ ପିଚା ପୋଡ଼ିଗଲା । ଭୀଷଣ ଚିତ୍କାର କରି ଏତେ ଜୋର୍‌ରେ ଦଉଡ଼ିଲେ ଯେ ଆଉ କେବେ ବି ଦିନେ ସେ ଘର ଆଡ଼କୁ ଅନାଇବାକୁ ସାହସ କଲେନି ।

# ଗାୟକର ବାଇଗଣ ଭର୍ତ୍ତା



ଜଣେ ଗାୟକ ଥିଲା । ତା ନାଁ ଝଣ୍ଡେଲାଲ ଜାନି । ତା ସ୍ତ୍ରୀ ବାଇଗଣ ବହୁତ ଭଲ ପାଉଥିଲା । ଦିନେ ସ୍ୱାମୀକୁ ଡାକି କହିଲା 'ଜାନିରେ ଜାନି ।' ଗାୟକ ସ୍ୱାମୀ କହିଲା, 'କ'ଣ କହିବୁ କହ ମୋ ରାଣୀ' । ଆଜି ବାଇଗଣ ଭର୍ତ୍ତା ଖାଇବାକୁ ମନ ହେଉଛି ବୋଲି ତା ସ୍ତ୍ରୀ କହିଲା । ଦୁଇଚାରିଟା ବାଇଗଣ ନେଇଆସ । ଗାୟକ ସ୍ୱାମୀ ଜଣକ ମୁଣ୍ଡରେ ଟୋପି ଏବଂ କାନ୍ଧରେ ଝୁଲାଧରି ଚାଲିଲା । କିଛିବାଟ ଗଲାପରେ ନଈକୂଳରେ ଗୋଟାଏ ବଗିଚା ପଡ଼ିଲା । ଗାୟକଜଣକ ସେଠାରେ ପହଞ୍ଚି ଦେଖିଲା କେହି ବି ଜଣେ ସେଠାରେ ନାହାନ୍ତି । ଗାୟକ ମିଆଁ କିଛି ବେଳ ଭାବିଲା ଏବଂ ମନେ ମନେ କହିଲା, 'ବଗିଚା ମାଲିକ ନଥିଲେ ବି କିଛି ଯାଏ ଆସେନି - ନଈ ତ ଅଛି । ନଈର ଅନୁମତି ନେଇ ବାଇଗଣ କିଛି ନେଇଯିବି ।'

ଗାୟକ ଜଣକ କହିଲା, 'ନଈରେ ନଈ' । ନଈ କିଛି କହିଲାନି । ନଦୀ ତରଫରୁ ସେ ନିଜେ କହିଲା, 'କହ ଝଣ୍ଡିଲାଲ୍ ଜାନି - ଦୁଇ ଚାରିଟା ବାଇଗଣ ନେବି ?'

ନଈ ମୌନ ରହିବାରୁ ନଈ ତରଫରୁ ନିଜେ ନିଜେ କହିଲା, 'ହଁ ହଁ ଦଶ ବାରଟା ବାଇଗଣ ନେଇଯାଅ ।'


ଗାୟକ ମିଆଁ ବଡ଼ ବଡ଼ ବାଇଗଣସବୁକୁ ବ୍ୟାଗ୍‌ରେ ଭର୍ତ୍ତି କରି ଘରେ ପହଞ୍ଚି ସ୍ତ୍ରୀକୁ ଦେଲା । ମସଲା ଲଙ୍କା ଆଦି ଦେଇ ତା ସ୍ତ୍ରୀ ବାଇଗଣ ଭର୍ତ୍ତା ତିଆରି କଲା । ଦୁଇଜଣ ସାଙ୍ଗ ହୋଇ ଖୁବ୍ ଆନନ୍ଦରେ ଖାଇଲେ । ଗୋଟାଏ ସପ୍ତାହ ପରେ ବାଇଗଣସବୁ ସରିଗଲା । ବାଇଗଣ

ଭର୍ତ୍ତାର ମଜା ତା ସ୍ତ୍ରୀ ପାଇଯାଇଥିଲା । ଶାୟର ମିଆଁ ସବୁଦିନ ନଈ କୂଳକୁ ଯାଉଥିଲା ଏବଂ ବାଡ଼ିରୁ ବାଇଗଣ ଚୋରି କରୁଥିଲା । ଧୀରେ ଧୀରେ ବାଡ଼ିରୁ ବାଇଗଣ କମିଆସିଲା । ବାଇଗଣ ବାଡ଼ିର ମାଲିକ ଶୟନଲାଲ ଶାନି ଭାବିଲା ନିଶ୍ଚୟ କେହି ଚୋର ବାଇଗଣ ଚୋରିକରି ନେଇଯାଉଛି ।

ଦିନେ ସକାଳେ ଶୟନଲାଲ ଗୋଟାଏ ଗଛର ଆଢୁଆଳରେ ଲୁଚି ରହିଲା । ଗୋଟାଏ ଘଣ୍ଟା ପରେ ଶାୟର ମିଆଁ ଝୁଲା ନେଇକି ଆସିଲା ଏବଂ ନଈକୁ କହିଲା, 'ନଈରେ ନଈ ।' ନଈ ବା କ'ଣ କହନ୍ତା – ସେ ନିଜେ ନଈ ତରଫରୁ କହିଲା, 'କହ ଝଣ୍ଡଲାଲ ଜାନି' – ଦୁଇ ଚାରିଟା ବାଇଗଣ ନେବି ? ନିଜେ ନିଜେ କହିଲା 'ହଁ ହଁ ଦଶ ବାରଟା ବାଇଗଣ ନେଇଯା ।'

ଶାୟର ମିଆଁ ଝୁଲା ଭର୍ତ୍ତିକରି ବାଇଗଣ ନେଲା । ଯିବାକୁ ବାହାରିବା ମାତ୍ରେ ଶୟନଲାଲ ଗଛ ଉହାଡ଼ରୁ ବାହାରି ତା ସାମ୍ନାରେ ଛିଡ଼ା ହୋଇଗଲା ଏବଂ ପଚାରିଲା, 'କାହା ଅନୁମତି ନେଇ ଏଇ ବାଇଗଣସବୁ ନେଉଛୁ ।' ଶାୟର ମିଆଁ ପିଲାଙ୍କ ପରି କହିଲା, 'କାହା ଅନୁମତି ପୁଣି କ'ଣ ? ମୁଁ ନଈର ଅନୁମତି ନେଇଥିଲି ।'

ଶୟନଲାଲ ପୁଣି ପଚାରିଲା, 'ନଈ କ'ଣ କହିଲା ?' ଶାୟର ମିଆଁ କହିଲା, 'ନଈ କିଛି କହେନି । ମୁଁ ନଈ ତରଫରୁ ନିଜେ କହେ ।' ଶୟନଲାଲ ଭୀଷଣ ରାଗିଗଲା । ସେ ଶାୟର ମିଆଁକୁ ଦଉଡ଼ିରେ ବାନ୍ଧି କୂଅ ଭିତରକୁ ଗଳେଇ ପକାଇଲା । ପୁଣି କହିଲା, 'ପାଣିରେ ପାଣି' । କୂଅ ପାଣି କଣ ସତରେ କହିବ ? ଶାୟନ ଲାଲ ନିଜେ ନିଜେ କହିଲା, 'ଦୁଇଚାରିଥର ବୁଡ଼ାଇବା ଉଠାଇବା' କରିବି କି ?' କୂଅ ବଦଳରେ ସେ ନିଜେ ନିଜେ ପୁଣି କହିଲା, 'ଦଶ ବାର ଥର ବୁଡ଼ାଅ ଆଉ ଉଠାଅ ।' ସେ ଶାୟର ମିଆଁକୁ ବୁଡ଼ାଇବା ଉଠାଇବା ଖେଳ ଆରମ୍ଭ କଲା । ସେ ରସି ଛାଡ଼ିଦେଲେ ଶାୟର ମିଆଁ ପାଣି ଭିତରେ ବୁଡ଼ି ଯାଉଥିଲା ଏବଂ ରସି ଟାଣି ଆଣିଲେ ଉପରକୁ ଉଠି ଆସୁଥିଲା । ତା ନାକ କାନ ମୁହଁରେ ପାଣି ପଶିଯାଉଥିଲା । ସେ କାକୁତି ମିନତି ହୋଇ କହିଲା, 'ଭାଇ, ମୋତେ କ୍ଷମା କରିଦିଅ । ଆଉ କେବେବି ଚୋରି କରିବିନି ।'




ଦଶବାର ଥର ବୁଡ଼ାଇବା ପରେ ଶୟନଲାଲ ଶାନିର ଦୟା ହେଲା ସେ ଶାୟର ମିଆଁଙ୍କୁ ବାହାରକୁ ଆଣି ଛାଡ଼ିଦେଲା । ସେ ଆଉ କେବେ ଚୋରି କଲା ନାହିଁ ।

# ଗଙ୍ଗାରାମ ଏବଂ ମଙ୍ଗାରାମ

ଶୁଆଟିଏ ଥିଲା । ତା ନାଁ ଗଙ୍ଗାରାମ । ନାଁ ଯେମିତି ଥିଲା, ମନ ବି ସେମିତି ନିର୍ମଳ ଥିଲା । ପ୍ରତିଦିନ ତା ମାଆ କହୁଥିଲା, 'ପୁଅରେ ଏବେ ଆମର ସମୟ ଖରାପ ପଡ଼ିଛି । ଘରେ ଯାହା ପୁଞ୍ଜି ଥିଲା ଶେଷ ହେବା ଉପରେ । ତୋତେ ଆଜିଠୁଁ ରୋଜଗାର କରିବା ପାଇଁ ବାହାରକୁ ଯିବା ଦରକାର ।' ଗଙ୍ଗାରାମ ମାଆର ଆଶୀର୍ବାଦ ନେଇ ସେଇ ମୁହୂର୍ତ୍ତରେ ଘର ଛାଡ଼ି ବାହାରକୁ ବାହାରିଗଲା । ଘରଠାରୁ କିଛି ଦୂରରେ ଖୁବ୍ ସୁନ୍ଦର ପୋଖରୀଟିଏ ଥିଲା । ପୋଖରୀ କୂଳରେ ଆମ୍ବଗଛଟିଏ ଥିଲା । ସେ ଆମ୍ବଗଛ ଉପରେ ଯାଇ ବସିଲା । ଆମ୍ବଗଛରେ ବହୁତ ଆମ୍ବ ଫଳିଥିଲା । ଶୁଆ ପାଚିଲା ଆମ୍ବ ସବୁ ଖାଇଲା ଆଉ ଆମ୍ବଡ଼ାଳରେ ବସି ଦୋଳି ଖେଳିଲା । ଦିନେ ସକାଳେ ଡାମରା କାଉଟିଏ ସେହି ବାଟଦେଇ ଯାଉଥିଲା । ଶହ ଶହ ଗାଁର ପଶୁପକ୍ଷୀଦଳ ତା' ସହିତ ଥିଲେ । ଶୁଆ ତାକୁ କାକୁତି ମିନତି କରି କହିଲା :

**ଡାମରା କୁଆରେ ଡାମରା କୁଆ**
**ଶହେ ଗାଁର ଡାମରା କୁଆ**
**ମାଆକୁ ମୋହର କହିବୁ ଯାଇ**
**ମାଆକୁ ମୋହର କହିବୁ ଯାଇ**
**ପୁଅ ତାହାର ଭୋକରେ ନାହିଁ କି**
**ଶୋଷରେ ନାହିଁ**
**ଆମ୍ବ ଗଛ ଡାଳରେ ବସି**
**କଞ୍ଚା ଆମ୍ବ ଖାଉଛି**
**ପାଚିଲା ଆମ୍ବ ଖାଉଛି**
**ଢଳି ଢଳିକା ନାଚୁଛି**
**ମଜାରେ ଶୁଆ ଅଛି**

ଡାମରାକୁଆ କହିଲା, 'ଗଙ୍ଗାରାମଜୀ, ମୁଁ ମୋ ନିଜ ଗାଁ ଛାଡ଼ି ତମ ମାଆ ପାଖରେ ଖବର



କେମିତି ପହଞ୍ଚାଇ ପାରିବି ? ତୁ ଖୁବ୍ ଶାନ୍ତସୁଧାର ଶୁଆଟିଏ । ଯଦି ଇଚ୍ଛା କରିବୁ ତ ଗାଈଟିଏ ରଖ ।' ଶୁଆ ତାହାହିଁ କଲା । ସେ ଗାଈକୁ ଗଛରେ ବାନ୍ଧିଦେଲା ।

କିଛି ସମୟ ପରେ ମଈଁଷିମାନଙ୍କ ଦଳପତି ସେବାଟ ଦେଇ ଗଲା । ତା ସହିତ ଶହେଟି ମଈଁଷି ରହିଥିଲେ । ଶୁଆ ତାକୁ ଅନୁରୋଧ କରି କହିଲା :

**ଶହେ ମଈଁଷିର ଦଳପତିରେ**
**ଶହେ ମଈଁଷିର ଦଳପତି**
**ମାଆକୁ ମୋହର କହିବୁ ଯାଇ**
**ପୁଅ ତାହାର ଭୋକରେ ନାହିଁ କି**
**ଶୋଷରେ ନାହିଁ**
**ଆମ୍ବ ଗଛ ଡାଳରେ ବସି**
**କଞ୍ଚା ଆମ୍ବ ଖାଉଛି**
**ପାଚିଲା ଆମ୍ବ ଖାଉଛି**
**ଢଳି ଢଳିକା ନାଚୁଛି**
**ମଜାରେ ଶୁଆ ଅଛି**

ଦଳପତି କହିଲା, 'ମୋ ପାଖରେ ଏତେ ସମୟ କାହିଁ ? କିନ୍ତୁ ତୁ ତୋ ମାଆର ଆଜ୍ଞାବହ ପୁଅ । ଇଚ୍ଛା କରିବୁ ତ ଗୋଟାଏ ମଈଁଷି ତୋ ନିଜ ପାଇଁ ରଖିଦେ ।' ଶୁଆ ସେଇଆ କଲା । ସେ ଗୋଟାଏ ମଈଁଷି ବାଛି ଗଛରେ ବାନ୍ଧିଦେଲା ।

ପୁଣି କିଛି ସମୟ ପରେ ଛେଳିପଲ ସେବାଟେ ଗଲେ । ସେମାନଙ୍କ ସାଙ୍ଗରେ ଛେଳିମାନଙ୍କର ଦଳପତି ଥିଲା । ଶୁଆ ତାକୁ ଅନୁରୋଧ କଲା :

**ଶହେ ଛେଳିର ଦଳପତିରେ**
**ଶହେ ଛେଳିର ଦଳପତି**
**ମାଆକୁ ମୋହର କହିବୁ ଯାଇ**
**ପୁଅ ତାହାର ଭୋକରେ ନାହିଁ କି**
**ଶୋଷରେ ନାହିଁ**

**ଆମ୍ବ ଗଛ ଡାଳରେ ବସି**
**କଞ୍ଚା ଆମ୍ବ ଖାଉଛି**
**ପାଚିଲା ଆମ୍ବ ଖାଉଛି**
**ଢଳି ଢଳିକା ନାଚୁଛି**
**ମଜାରେ ଶୁଆ ଅଛି**

ଦଳପତି କହିଲା, 'ଗଙ୍ଗାରାମଜୀ ! ଏହି ଛେଳିମାନଙ୍କୁ ଏକୁଟିଆ ଛାଡ଼ିଗଲେ ସିଂହ ଖାଇଯିବ । କିନ୍ତୁ ତୁମେ ଖୁବ୍ ସଚ୍ଚୋଟ ଶୁଆ । ଇଚ୍ଛା କରିବ ତ ଛେଳିରୁ ଗୋଟାଏ ରଖିନିଅ ।' ଶୁଆ ତାହାହିଁ କଲା । ସେ ଗୋଟାଏ ଛେଳି ବାଛି ଗଛରେ ବାନ୍ଧିଦେଲା ।

କିଛି ସମୟ ପରେ ମେଣ୍ଢାଦଳ ସେଇବାଟ ଦେଇ ଗଲା । ସେମାନଙ୍କ ସହିତ ତାଙ୍କର ଦଳପତି ମଧ୍ୟ ଥିଲା । ଶୁଆ ହାତଯୋଡ଼ି କହିଲା :

**ମେଣ୍ଢାଦଳର ଦଳପତିରେ**
**ଶହେ ମେଣ୍ଢାର ଦଳପତି**
**ମାଆକୁ ମୋହର କହିବୁ ଯାଇ**
**ପୁଅ ତାହାର ଭୋକରେ ନାହିଁକି**
**ଶୋଷରେ ନାହିଁ**
**ଆମ୍ବ ଗଛ ଡାଳରେ ବସି**
**କଞ୍ଚା ଆମ୍ବ ଖାଉଛି**
**ପାଚିଲା ଆମ୍ବ ଖାଉଛି**
**ଢଳି ଢଳିକା ନାଚୁଛି**
**ମଜାରେ ଶୁଆ ଅଛି**

ମେଣ୍ଢାମାନଙ୍କର ଦଳପତି କହିଲା, 'ମୋର ଗୋଟିଏ ପାଦରେ କାଠ ଲାଗିଛି । ତୁମ ମାଆକୁ ଖବର ଦେବା ପାଇଁ ଏତେ ଦୂରକୁ ମୁଁ କେମିତି ଯିବି ? କିନ୍ତୁ ତୁମେ ଏତେ ଭଲ ପିଲା ଯେ ଚାହିଁବ ତ ଗୋଟିଏ ମେଣ୍ଢା ନେଇନିଅ ।' ଶୁଆ ସେଇଆ କଲା । ମେଣ୍ଢାମାନଙ୍କ ଭିତରୁ ଗୋଟିଏ ଭଲ ମେଣ୍ଢା ବାଛି ଗଛ ଦେହରେ ବାନ୍ଧିଦେଲା ।

କିଛି ସମୟ ପରେ ଘୋଡ଼ା, ଓଟ ଏବଂ ହାତୀମାନଙ୍କର ମାହୁନ୍ତ ସେହି ବାଟ ଦେଇଗଲେ। ସେମାନେ ଗୋଟାଏ ଗୋଟାଏ ଘୋଡ଼ା ଏବଂ ଗୋଟାଏ ଗୋଟାଏ ହାତୀ ଶୁଆକୁ ଦେଇଗଲେ।

ତା ପରେ ଶୁଆଟି ଗାଈ, ମଇଁଷି, ଛେଳି, ମେଣ୍ଢା, ଘୋଡ଼ା, ଓଟ ଏବଂ ହାତୀ ପ୍ରଭୃତିଙ୍କୁ ଧରି ଗୋଟାଏ ମେଳାରେ ପହଞ୍ଚିଲା। ସେଠାରେ ସବୁ ପଶୁମାନଙ୍କୁ ବିକିଦେଲା। ଯାହା ଟଙ୍କା ମିଳିଲା ସେଥିରେ ସୁନାଗହଣା ତିଆରି କରି ନିଜ ଘର ଆଡ଼କୁ ଚାଲିଲା। ଚାଲୁ ଚାଲୁ ରାତି ହୋଇଗଲା। ସେତେବେଳେ ଘରଲୋକ ସମସ୍ତେ ଶୋଇ ପଡ଼ିଥିଲେ। ଶୁଆ ଜଞ୍ଜିର ଖଟ୍‌ଖଟ୍ କରି କହିଲା :

**ମାଆ ଗୋ ମାଆ**
**ମୋ ପ୍ରିୟ ମାଆ**
**କବାଟ ଖୋଲ**
**ବିଛଣାକର**
**ପ୍ରଦୀପଜାଳ**
**ସାହାନାଇ ବଜାଅ**
**ତୁମ ଗେହ୍ଲାପୁଅ ପର ଝାଡ଼ିବ**
**ମାଆ ଗୋ ମାଆ ମଉଜ କର**

ମାଆ ଭାବିଲା ଏତେ ରାତିରେ ପୁଅ ଆସିବା ସମ୍ଭବ ନୁହେଁ। ନିଶ୍ଚୟ କେହି ଚୋର ତସ୍କର ହୋଇଥିବ। ଏମିତି ମିଛରେ ସବୁ କହୁଛି। ସେ ଦ୍ୱାର ଖୋଲିଲାନି। ତାପରେ ଶୁଆ ନିଜର ଖୁଡ଼ୀ ଘରକୁ ଯାଇ ଦ୍ୱାର ଠକ୍‌ଠକ୍ କରି କହିଲା :

**ଖୁଡ଼ୀ ଗୋ ଖୁଡ଼ୀ**
**ମୋ ପ୍ରିୟ ଖୁଡ଼ୀ**
**କବାଟ ଖୋଲ**
**ବିଛଣା କର**
**ପ୍ରଦୀପଜାଳ**
**ସାହାନାଇ ବଜାଅ**

**ତୁମ ଗେହ୍ଲା ପୁଅ ପର ଝାଡ଼ିବ**

**ଖୁଡୀ ଗୋ ଖୁଡ଼ୀ ମଉଜ କର**

ଖୁଡୀ ଶୋଇଥିବା ଅବସ୍ଥାରେ କହିଲା, 'ଏବେ କ'ଣ ଆସିବା ବେଳ ? ସକାଳେ ଆସିବୁ କୁକୁଡ଼ା ବୋବେଇବାର ଘଣ୍ଟେ ପରେ ଦ୍ୱାର ଖୋଲିବି ।' ନିରାଶ ହୋଇ ଶୁଆ ନିଜ ଭଉଣୀ ଘରେ ପହଞ୍ଚିଲା ଏବଂ କବାଟ ଖଟ୍‌ଖଟ୍ କରି କହିଲା :

**ଅପା ଲୋ ଅପା**

**ମୋ ସୁନା ଅପା**

**କବାଟ ଖୋଲ**

**ବିଛଣାକର**

**ପ୍ରଦୀପ ଜାଳ**

**ସାହାନାଇ ବଜା**

**ତମ ଗେହ୍ଲା ଭାଇ ପରଝାଡ଼ିବ**

**ଅପା ଲୋ ଅପା ମଉଜ କର**

ଭଉଣୀର ନିଦ ଭାଙ୍ଗିଯିବାରୁ ସେ ରାଗିଗଲା । ଘର ଭିତରୁ କହିଲା– ଏଠୁ ଚାଲିଯା । ମୋ ଭାଇ କ'ଣ ପାଗଳ ହୋଇଯାଇଛି ନା କ'ଣ, ଅଧରାତିରେ ଭଉଣୀଘର କବାଟ ଖଟ୍ ଖଟ୍ କରିବ ? ତୁ ଚୋର ପରି ମନେହେଉଛୁ । ଶୀଘ୍ର ଏଠୁ ପଳା – ନଚେତ୍ ...' ଯେଉଁ ସବୁ ଆତ୍ମୀୟମାନଙ୍କ ଘରକୁ ଶୁଆଗଲା ସେମାନେ କେହି ଜଣେ ତାକୁ ବିଶ୍ୱାସ କଲେ ନାହିଁ । କେହି ଜଣେବି ତାକୁ ଦ୍ୱାର ଖୋଲିଲେନି । ଶେଷରେ ସେ ତା ଆଇ ଘରେ ପହଞ୍ଚିଲା । ଆଇଙ୍କୁ ନେହୁରା ହୋଇ କହିଲା :

**ଆଇଲୋ ଆଇ**

**ମୋ ପ୍ରିୟ ଆଇ**

**କବାଟ ଖୋଲ**

**ବିଛଣା କର**

**ପ୍ରଦୀପ ଜାଳ**

**ସାହାନାଇ ବଜାଅ**
**ତମ ପ୍ରିୟ ନାତି ପରଝାଡ଼ିବ**
**ଆଇଲୋ ଆଇ ମଉଜ କର**

ଆଇ ତା ନାତି ଶୁଆର ସ୍ୱର ଚିହ୍ନିପାରି ବିଛଣାରୁ ଉଠି କହିଲା, 'ଆରେ ପୁଅ ଗଙ୍ଗାରାମକିରେ ? ତୁ ଆସିଲୁଣି କି ?' ଆଇ କବାଟ ଖୋଲିଲା ମାତ୍ରେ ଶୁଆ ଆଇର ପାଦଛୁଇଁ ପ୍ରଣାମ କଲା । ଆଇ ତାକୁ ଆଶୀର୍ବାଦ କଲା । ତା ପାଇଁ ବିଛଣା କରିଦେଲା । ପ୍ରଦୀପ ଜାଳିଲା । ସାହାନାଇ ବଜାଇବାବାଲାଙ୍କୁ ଡାକିଆଣିଲା । ଘର ଭିତରେ ସାହାନାଇ ବାଜିଲା । ଶୁଆ ଖୁସିହୋଇ ନାଚିବାରେ ଲାଗିଲା । ନିଜ ପରକୁ ଝାଡ଼ିବାରେ ଲାଗିଲା । ପର ଭିତରେ ଲୁଚାଇ ରଖିଥିବା ସୁନା କଙ୍କଣ, ବାଜୁବନ୍ଧ, ହାର, ସୁନାଚୁଡ଼ି ଇତ୍ୟାଦି ଚଟାଣରେ ଅଜାଡ଼ି ହୋଇ ପଡ଼ିବାରେ ଲାଗିଲା । ଦେଖୁ ଦେଖୁ ଜମା ହୋଇଗଲା ।

ସକାଳ ହେଲା । ସମସ୍ତେ ଜାଣିଲେ ଯେ, ଶୁଆ ରୋଜଗାର କରି ହଜାର ହଜାର ଗହଣା ଆଣି ଆସିଛି ।

ପାଖ ଘରେ ଗୋଟାଏ ମାଆ କୁଆ ରହୁଥିଲା । ତା ନିଜ ପୁଅ ମଙ୍ଗାରାମକୁ କହିଲା, 'ପୁଅରେ ତୁ ବି ଯାଇ ରୋଜଗାର କରି କିଛି ଆଣ ।' ସେହିଦିନ କୁଆଛୁଆ ବାହାରିଗଲା ରୋଜଗାର ପାଇଁ । କିନ୍ତୁ "କାହିଁ ଭୋଜରାଜା କାହିଁ ମୂର୍ଖ ତେଲି । କାହିଁ ଗଙ୍ଗାରାମ କାହିଁ ମଙ୍ଗାରାମ ।" କୁଆମାନଙ୍କୁ ଅଇଣ୍ଠା ଆଉ ଗନ୍ଧିଆ ଜିନିଷ ଭଲ ଲାଗେ । ତେଣୁ ସେ ତା ପର ଭିତରେ ମାଡ଼ି ମକଚି ଅଇଁଠା ଜିନିଷ ସବୁ ଭର୍ତ୍ତିକଲା । ରାତି ହେଲାପରେ ସେ ଘରକୁ ଫେରିଲା ଏବଂ ଶୁଆ ପରି ଜଞ୍ଜିର ଖଟ୍‌ଖଟ୍ କରି କହିଲା :

**ମାଆ ଗୋ ମାଆ**
**ମୋ ପ୍ରିୟ ମାଆ**
**କବାଟ ଖୋଲ**
**ବିଛଣାକର**
**ପ୍ରଦୀପ ଜାଳ**
**ସାହାନାଇ ବଜାଅ**

ତୁମ ଗେହ୍ଲାପୁଅ ପର ଝାଡ଼ିବ
ମାଆ ଗୋ ମାଆ ମଉଜ କର

ମାଆ ବିଚାରୀ ତରତରରେ ଉଠିପଡ଼ିଲା ଏବଂ ଦୁଆର ଖୋଲିଦେଲା। ବିଛଣା କଲା ଏବଂ ଦୀପ ଜଳାଇଲା। ସାହାନାଇ ବାଜିବା ମାତ୍ରେ କୁଆ ଖୁସିହୋଇ ନାଚିବାରେ ଲାଗିଲା। ପର ଭିତରେ ରହିଥିବା ପଚାସଢ଼ା ଅଇଁଠାସବୁ ପଡ଼ିବାକୁ ଲାଗିଲା। ଦେଖୁ ଦେଖୁ ସାରା ଘର ଦୁର୍ଗନ୍ଧରେ ପୂରିଗଲା। ମାଆ କୁଆ ଏତେ ରାଗିଗଲା ଯେ ପୁଅକୁ ଜୋତାରେ ପିଟିପିଟି ଘରୁ ତଡ଼ିଦେଲା।



## ଗୀତ ଗାଉଥିବା ପକ୍ଷୀ

ଚଢ଼େଇଟିଏ ଥିଲା । ଦିନେ ରାଜପ୍ରାସାଦ ନିକଟରୁ ଗୋଟିଏ କଣ୍ଢେଇ ପାଇଲା । ସେ ଖୁସିରେ ଥେଇ ଥେଇ ହୋଇ ନାଚିବାକୁ ଲାଗିଲା ଏବଂ ଗାଇବାକୁ ଲାଗିଲା :

**ମୋତେ ରାଜାଙ୍କ ଉଆସରୁ ମିଳିଲା ଏକ କଣ୍ଢେଇ**
**ମୋତେ ରାଜାଙ୍କ ଉଆସରୁ ମିଳିଲା ଏକ କଣ୍ଢେଇ**

ରାଜା ଏହା ଶୁଣିବା କ୍ଷଣି ରାଗିଯାଇ ସିପାହିକୁ ଆଦେଶ ଦେଲେ ନାଚବାଲୀଠାରୁ କଣ୍ଢେଇ ଛଡ଼େଇ ଆଣିବା ପାଇଁ । ଚଢ଼େଇଠାରୁ କଣ୍ଢେଇ ଛଡ଼େଇ ନେଲାପରେ ଚଢ଼େଇଟି ପୁଣି ଗାଇବାରେ ଲାଗିଲା :

**କଂଜୁସ ରାଜା ଛଡ଼େଇ ନେଲା**
**କଣ୍ଢେଇ ମୋର ଛଡ଼େଇ ନେଲା**

ରାଜା ଭାବିଲେ, ଏମିତିରେ ଚଢ଼େଇଟି ମୋତେ କଂଜୁସ୍ କହିଲାଣି । ସିପାହିକୁ ପୁଣି ଆଦେଶ ଦେଲେ, 'ଚଢ଼େଇଟିର କଣ୍ଢେଇ ଯେମିତି ହେଉ ଫେରାଇ ଦିଅ ।' କଣ୍ଢେଇ ପାଇଲା ପରେ ପକ୍ଷୀଟି ପୁଣି ନାଚି ନାଚି ଗାଇଲା –

**ଏ କେମିତି ଡରୁଆ ରାଜାରେ ବାବା**
**ଚଢ଼େଇକୁ ବି ଡରୁଛି ।**

ଏଥର ରାଜା ଏତେ ରାଗିଗଲେ ଯେ ଖଣ୍ଡାରେ ଚଢ଼େଇଟିକୁ ଖଣ୍ଡ ଖଣ୍ଡ କରିଦେଲେ

ଏବଂ ସେହି ମାଂସରେ ଲଙ୍କା ମସଲାସବୁ ଗୋଳାଇ ଦେବାକୁ ପୂଝାରୀକୁ ଆଦେଶ ଦେଲେ । ମୁଁ ସେସବୁକୁ କଞ୍ଚା ଖାଇଯିବି । ସଙ୍ଗେ ସଙ୍ଗେ ପୂଝାରୀ ହଳଦୀ, ନାଲିଟମାଟୋ ଏବଂ ଶାଗୁଆ କଞ୍ଚାଲଙ୍କା ଢାଳିଦେଲା । ଠିକ୍ ସେତିକିବେଳେ ପକ୍ଷୀଟି ପୁଣି ଗାଇବାକୁ ଲାଗିଲା :

**ଆଜି ମୁଁ ହଳଦୀ ନାଲି ନେଳି ରଙ୍ଗ ବୋଳି**
**ଇନ୍ଦ୍ରଧନୁର ରଙ୍ଗୀନ୍ ଭଉଣୀ ହେଲି**
**ଆଜି ମୁଁ ହଳଦୀ ନାଲି ନେଳି ରଙ୍ଗ ବୋଳି**
**ସ୍ୱର୍ଗପୁରୀର ସୁନ୍ଦରୀ ପରୀ ହେଲି**

ରାଜା ଆଶ୍ଚର୍ଯ୍ୟ ହୋଇ କହିଲେ ଏ ଚଢ଼େଇଟିର ପ୍ରତ୍ୟେକ ଅଙ୍ଗରେ ବି ଜୀବନ ଅଛି । ଏହାକୁ ଶୀଘ୍ର ତେଲରେ ଛାଣିଦିଅ । ପୂଝାରୀ ଚଢ଼େଇଟିକୁ ତେଲରେ ଛାଣିଲା ବେଳେ ତେଲରୁ ଶବ୍ଦ ଶୁଭିଲା । ପୁଣି ସିଏ ଗାଇବାରେ ଲାଗିଲା :

**ଚାଲେରେ ଚାଲେ ମୁଁ, ସରୁ ଗଳିରେ ଚାଲେ**
**ଚାଲେରେ ଚାଲେ ମୁଁ, ସରୁ ଗଳିରେ ଚାଲେ**
**ପାଦ ମୋର ଖସି ଖସି ଯାଏରେ**
**ଚାଲେରେ ଚାଲେ ମୁଁ, ସରୁ ଗଳିରେ ଚାଲେ**


ସିପାହିମାନେ ବି ବିବ୍ରତ ହେଲେ । ପୂଝାରୀ ବି ବିବ୍ରତ ହେଲା । ଏବେ ଆଉ କ'ଣ କରାଯାଇପାରେ । ରାଜା ଦମ୍ଭର ସହିତ କହିଲେ ମୋ ପେଟରେ ପେସି ହୋଇଗଲେ ଚଢ଼େଇର କହିବା ବନ୍ଦ ହୋଇଯିବ । ଚଢ଼େଇଟିର ମାଂସର ଟୁକୁରାସବୁ ରାଜାଙ୍କ ପେଟର ଖାଦ୍ୟନଳୀରେ ପହଞ୍ଚିଗଲା କିନ୍ତୁ ସେ ତଥାପି ଗାଇବାକୁ ଲାଗିଲା :

**ସର୍ପିଳ ଏଇ ରାସ୍ତା**
**ଚୁଚୁନ୍ଦ୍ରା ମୁହଁ ପରି**
**ହୃଦୟର ଏଇ ପ୍ରାସାଦ ଭିତରେ**
**ଛାତି ଧକ୍ ଧକ୍ ହେଉଛି ଖାଲି**

ଏକଥା ଶୁଣି ରାଜା କ୍ରୋଧରେ ନିଆଁବାଣ ହୋଇଗଲେ ଏବଂ ମୁଣ୍ଡ କୋଡ଼ିବାକୁ ଲାଗିଲେ । ସିପାହିମାନେ ତାଙ୍କୁ ଶାନ୍ତ କରିବାକୁ ଯାଇ କହିଲେ, 'ଏଇ ଗୀତ ଗାଉଥିବା ଚଢ଼େଇଟି ଅଦ୍ଭୁତ

ସୁନ୍ଦର ପକ୍ଷୀଟିଏ ବସିଛି । ତଳକୁ ଅନାଇଲା ମାତ୍ରେ ସେ ଦେଖୁଥିଲା ପାଦରେ ପାଉଁଜ ପିନ୍ଧା ଚଢ଼େଇ । ଗାତରେ ହାତ ପୂରାଇଲା ମାତ୍ରେ ତାକୁ ମୁଦି ମିଳିଲା । କୋରଡ଼ରେ ହାତ ପୂରାଇଲା ମାତ୍ରେ ସୁନା ମିଳିଲା । ବାଲିରୁ ମୁକ୍ତା ମିଳିଲା । ଚଉପାଢ଼ିକୁ ଗଲାବେଳେ ତାକୁ ଘୋଡ଼ାର ସାଞ୍ଜୁ ମିଳିଲା ।

ତା ପରଦିନ କୁଆ ଗାଧୋଇ ପାଧୋଇ ବବୁଲ୍ ଗଛ ଡାଳରେ ବସିଲା । କିନ୍ତୁ ତା ଅଣ୍ଟରେ କିଛି ଅପରିଷ୍କାର ରହିଯାଇଥିଲା । ଉପରକୁ ଦେଖିଲା ମାତ୍ରେ ତାର ଗୋଟାଏ ଆଖି ଫୁଟିଗଲା । ତଳକୁ ଦେଖିଲା ମାତ୍ରେ ତାର ଗୋଟାଏ ଗୋଡ ଭାଙ୍ଗିଗଲା । ଗାତରେ ହାତ ଦେଲା କ୍ଷଣି ବିଛା କାମୁଡି ଦେଲା । କୋରଡରେ ହାତ ପୂରାଇଲା କ୍ଷଣି ସାପ ଫଣା ଟେକିଲା । ବାଲିରେ ହାତ ଦେଲା କ୍ଷଣି କଙ୍କଡ଼ା ବିଛା କାମୁଡ଼ିଲା । ଚଉପାଢ଼ିକୁ ଯିବା ମାତ୍ରେ ଖଟିଆ ଛିଡା ହୋଇ ଗଲା ।





nbt.india

एकः सूते सकलम्

ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ

₹ 75.00
ISBN 812375942-8
9788123759425
20210293
Nakal Bin Akal *(Odia)*